

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୯ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 FEBRUARY 2021
Vol.No. 31 ■ No. 47 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


ମହାନଦୀକୁ ଡେଇଁଲେ ମହିଳା

## ନଦୀ ଭିତରୁ ମହିଳାଙ୍କୁ ଉଦ୍ଧାର କଲା ଓଡ୍ରାଫ ଦଳ

କଟକ,୧୮।୦୨ (ନି.ପ୍ର): ମହାନଦୀକୁ ଡେଇଁଲେ ମହିଳା । ଗୁରୁବାର କଟକ ଯୋବ୍ରା ନିକଟରେ ମହାନଦୀକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ହେଲେ ନଦୀ ଭିତରୁ ମହିଳାଙ୍କୁ ଓଡ୍ରାଫ୍ ଦଳ ଉଦ୍ଧାର କରିବା ସହିତ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଆଜି ହଠାତ୍ ଜଣେ ମହିଳା ଯୋବ୍ରା ବ୍ରିଜ୍ ନିକଟରେ ମହାନଦୀକୁ ଡେଇଁ ପଡିଥିଲେ । ଏହାପରେ ସ୍ଥାନୀୟ ଲୋକଙ୍କ ସହ ମିଶି ଓଡ୍ରାଫ୍ ଦଳ ତାଙ୍କୁ ନଦୀ ଭିତରୁ ଉଦ୍ଧାର କରିବା ସହିତ ହସ୍ପିଟାଲରେ ପହଞ୍ଚାଇଥିଲା । ତେବେ ସେ କାହିଁକି ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ ଏବଂ ସେ କିଏ ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ ।

୨୦୦୮ ମସିହାର ହତ୍ୟା ମାମଲା

# ଉତ୍ତରପ୍ରଦେଶର ସବନମଙ୍କୁ ହେବ ଫାଶୀ

### ନିଜ ପରିବାରର ୭ଜଣ ସଦସ୍ୟଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ସବନମ

ଉତ୍ତରପ୍ରଦେଶ,୧୮।୦୨: ହତ୍ୟାକାଣ୍ଡର ଇଏ ଏକ ଏମିତି କାହାଣୀ ଯାହା ଶୁଣିଲେ ଆପଣଙ୍କ ଛାତି ଥରିଉଠିବ । ଏକ ଏମିତି ଲୋମଟାଙ୍କୁରା କାହାଣୀ ଯାହା ହୁଏତ କେହି କେବେ ଚିନ୍ତା କରିନଥିବେ । ଜନ୍ମ କଲା ବାପା ମା କେବେବି ଭାବିନଥିବେ, ଦିନେ ତାଙ୍କର ଝିଅ ହିଁ ସେମାନଙ୍କୁ ଜୀବନରେ ମାରିଦେବ । ୨୦୦୮ ମସିହାର ଘଟଣା । ଅମରୋହା ଜିଲ୍ଲାର ହସନପୁର କ୍ଷେତ୍ରରେ ଥିବା ବାବନଖେଡି ଗାଁରେ ରୁହନ୍ତି ଶିକ୍ଷକ ଶୌକତ ଅଲି । ଶୌକତ ଅଲ୍ଲୀଙ୍କ ଏକ ମାତ୍ର ଝିଅ ସବନମ । ସବନମ ସହିତ ସଲିମର ପ୍ରେମ ସମ୍ପର୍କ ଥିଲା । ସୁଫି ପରିବାରର ସବନମ ଇଂରାଜୀ ଏବଂ ଭୂଗୋଳରେ ଡବଲ ଏମଏ କରିଥିଲେ । ସବନମଙ୍କ ପରିବାର



ପାଖରେ ପ୍ରଚୁର ମାତ୍ରାରେ ଜମିବାଡି ଥିଲା । ଆଉ ସଲିମ ପଂଚମ ଫେଲ । ଏବଂ ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲା । ତେଣୁ ଦୁଇଜଣଙ୍କ ସମ୍ପର୍କକୁ ନେଇ ପରିବାର ଲୋକେ ବିରୋଧ କରୁଥିଲେ । ପରିବାରଲୋକଙ୍କ ଏହି ବିରୋଧାଭାସକୁ ବରଦାସ୍ତ କରିପାରିଲେ ନାହିଁ ସବନମ । ନିଜ ପ୍ରେମ ସମ୍ପର୍କକୁ ଆଗକୁ ବଢାଇବା ପାଇଁ ତିଆରି କଲେ ହତ୍ୟାକାଣ୍ଡର ନିଳ ନକ୍ସା । ନିଜ ପ୍ରେମିକ ସଲିମ ସହିତ ମିଶି ରଚିଲେ ହତ୍ୟା ଷଡଯନ୍ତ୍ର । ସେଦିନ ରାତିରେ ଯାହା ଘଟିଥିଲା ହୁଏତ ଶୁଣିଲେ ଆପଣ କହିବେ ଏହା ବିଶ୍ୱାସରେ ବିଷ ଦେଲା ପରି । ପରିବାରର ସମସ୍ତ ସଦସ୍ୟଙ୍କୁ ପ୍ରଥମେ ବେହୋସ କରିବା ପାଇଁ ଯୋଜନା କଲେ ସବନମ । କ୍ଷୀରରେ କିଛି ମିଶାଇ ଦେଇ ସମସ୍ତଙ୍କୁ ପାନ କରାଇଥିଲେ । ଏହା ପଛରେ ଯେ ହତ୍ୟାକାଣ୍ଡର ଏତେବଡ ଷଡଯନ୍ତ୍ର ରହିଛି ଏକଥା କେହି ଜାଣି ବି ପାରିନଥିଲେ । ଜଣ ଜଣ କରି

▶▶ପୃଷ୍ଠା ୭

# ପଶ୍ଚିମବଙ୍ଗକୁ 'ସୋନାର ବଙ୍ଗଳା' କରିବାକୁ ପ୍ରତିଶ୍ରୁତି ଦେଲେ ଅମିତ ଶାହା

### ମହିଳାଙ୍କୁ ସଂରକ୍ଷଣ ଓ ସପ୍ତମ ବେତନ କମିଶନ ଲାଗୁ କରିବାକୁ କଲେ ଘୋଷଣା

ନୂଆଦିଲ୍ଲୀ,୧୮।୦୨: ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି (ଗୁରୁବାର) ପଶ୍ଚିମବଙ୍ଗରେ ପରିବର୍ତ୍ତନ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ ଆରମ୍ଭ କରଛନ୍ତି। ଏହି ଅବସରରେ ଦକ୍ଷିଣ ୨୪ ପରଗାନା ଜିଲ୍ଲାରେ ଦଳ ପକ୍ଷରୁ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ଅମିତ ଶାହା କହିଛନ୍ତି ଯେ, ଯଦି ଆଗାମୀ ନିର୍ବାଚନରେ ରାଜ୍ୟରେ ବିଜେପି ବିଜୟ ହାସଲ କରେ ତେବେ ରାଜ୍ୟରେ ସପ୍ତମ ବେତନ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରାଯିବ ଏବଂ



ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ହୋଇ ରହିବ। ବଙ୍ଗଳାକୁ 'ସୋନାର ବଙ୍ଗଳା' କରିବାକୁ ଚାହୁଁଥିବା ପ୍ରତିଶ୍ରୁତି ଦେଇ ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ, ଦଳର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସ୍ଥିତି ସୁଧାରିବା ଏବଂ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ସରକାରକୁ ହଟାଇବା ନୁହେଁ। ପଶ୍ଚିମବଙ୍ଗରେ ବିଜେପିର ସରକାର ଯଦି କ୍ଷମତାକୁ ଆସିବ ତେବେ

▶▶ପୃଷ୍ଠା ୭

## ୧୦ ଟି ପଡୋଶୀ ଦେଶ ସହିତ କୋବିଡ ପରିଚାଳନା

# ଅଭିଜ୍ଞତା, ଭଲ ଅଭ୍ୟାସ ଏବଂ ଆଗାମୀ କାର୍ଯ୍ୟଯୋଜନା ଉପରେ ଏକ କର୍ମଶାଳାକୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମାଲଦ୍ୱୀପ, ମରିସସ୍, ନେପାଳ, ପାକିସ୍ଥାନ, ସେଚେଲ୍ସ, ଶ୍ରୀଲଙ୍କା ଭଳି ୧୦ଟି ପଡୋଶୀ ଦେଶର ସ୍ୱାସ୍ଥ୍ୟସେବା ନେତୃବର୍ଗ, ବିଶେଷଜ୍ଞ ଓ ଅଧିକାରୀ ଏବଂ ଭାରତୀୟ ଅଧିକାରୀ ଓ ବିଶେଷଜ୍ଞ ସହ କୋବିଡ ପରିଚାଳନା: ଅଭିଜ୍ଞତା, ଭଲ ଅଭ୍ୟାସ ଏବଂ ଆଗାମୀ କାର୍ଯ୍ୟଯୋଜନା ଉପରେ ଏକ କର୍ମଶାଳାକୁ ସମ୍ବୋଧିତ କରିଛନ୍ତି । ମହାମାରୀ ସମୟରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ହୋଇଥିବା



ସହଯୋଗ ଏବଂ ସମନ୍ୱିତ ପ୍ରତିକ୍ରିୟା ସହିତ ଜନବହୁଳ ଅଂଚଳରେ ଏହି ଆହ୍ୱାନକୁ ପୂରଣ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ମହାମାରୀର ମୁକାବିଲା ତଥା ସମ୍ବଳ ବଂଟନ – ଔଷଧ, ପିପିଇ ଏବଂ ପରୀକ୍ଷଣ ଉପକରଣର ତୁରନ୍ତ ଖର୍ଚ୍ଚ ପୂରଣ କରିବାକୁ କୋବିଡ ଜରୁରୀକାଳୀନ ପ୍ରତିକ୍ରିୟା ପାଣ୍ଠି ସୃଷ୍ଟି କଥା ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ । ପରୀକ୍ଷଣ, ସଂକ୍ରମଣ ନିୟନ୍ତ୍ରଣ ଏବଂ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନାରେ ପରସ୍ପରର ସର୍ବୋତ୍ତମ ଅଭ୍ୟାସରୁ ଅଭିଜ୍ଞତା ବାଂଟିବା ଏବଂ ଶିଖିବା ବିଷୟରେ ମଧ ସେ ଉଲ୍ଲେଖ କରିଛନ୍ତି । ସହଯୋଗର ଏହି ଆବେଗ ମହାମାରୀରୁ ବହୁମୂଲ୍ୟ ଦୂରତା ଅଟେ ।

▶▶ପୃଷ୍ଠା ୭

## କାଳବୈଶାଖୀ ସମ୍ଭାବନା : ୧୪ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ପଡ଼ୋଶୀ ଅଂଚଳ ଉପରେ ଏକ ଘୂର୍ଣ୍ଣିବଳୟ ବିସ୍ତାରିତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ, ଅର୍ଥାତ୍ ୧୯ ତାରଖ ଅପରାହ୍ନ ସୁଦ୍ଧା ରାଜ୍ୟର ନୂଆପଡା, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, କନ୍ଧମାଳ ଜିଲ୍ଲା ସମେତ ଆଭ୍ୟନ୍ତରୀଣ ଓଡିଶାର ବାଲେଶ୍ୱର, ଗଜପତି ଜିଲ୍ଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା

▶▶ପୃଷ୍ଠା ୭

# ବଜେଟ୍ ଅଧିବେଶନରେ ଉଠିଲା କୋଟିଆ କଳି

### ବିରୋଧୀ କହିଲେ ରାଜ୍ୟର ସୀମାକୁ ନେଇ ସଚେତନ ନୁହଁନ୍ତି ସରକାର

ଭୁବନେଶ୍ୱର,୧୮।୦୨ (ନି.ପ୍ର): ବିଧାନସଭା ବଜେଟ ଅଧିବେଶନରେ ଉଠିଲା କୋଟିଆ କଳି । ପ୍ରଥମ ଦିନରୁ ବିରୋଧୀ କୋଟିଆ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି । ଆଜି ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କରିଛନ୍ତି ବିଜେପି ଓ କଂଗ୍ରେସ ଏବଂ ଗୃହ ବାହାରକୁ ଆସି ବିରୋଧୀ କହିଛନ୍ତି ରାଜ୍ୟର ସୀମାର ସୁରକ୍ଷା ପାଇଁ ସଚେତନ ନୁହଁନ୍ତି ସରକାର । ସେପଟେ ରାଜସ୍ୱ ମନ୍ତ୍ରୀ ଏହାକୁ ନେଇ ଉତ୍ତର ରଖିଛନ୍ତି । କୋଟିଆ



ଓଡିଶାର ଥିଲା, ଅଛି ଓ ରହିବ ବୋଲି ସେ କହିଛନ୍ତି । ସେପଟେ ପଟ୍ଟାଙ୍ଗୀ ବିଧାୟକ କହିଛନ୍ତି, ସୁପ୍ରିମକୋର୍ଟରେ ଆନ୍ଧ୍ର ଦେଇଥିବା ସତ୍ୟପାଠ ମିଛ । ୧୯୫୬ ମସିହାରୁ କୋଟିଆର ୩ଟି ଗାଁର ଲୋକ ଓଡିଶାରେ ଭୋଟ୍ ଦେଇ ଆସୁଛନ୍ତି ।

# ରେଳ ଧାରଣାରେ ଶୋଇ ରେଳ ଅଟକାଇଲେ ଚାଷୀ

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ଟ୍ରାକ୍ଟର ରାଲି, ଚକା ଜାମ୍ ଓ ଏବେ ରେଳ ରୋକ୍ । କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୩ ଟି ନୂତନ କୃଷି ଆଇନକୁ ବିରୋଧ କରି ଆଜି ସାରା ଦେଶରେ କୃଷକ ମାନେ ରେଳ ରୋକ କରିଛନ୍ତି । ଗୁରୁବାର କୃଷକ ସଂଗଠନ ମାନଙ୍କ ପକ୍ଷରୁ ମଧ୍ୟାହ୍ନ ୧୨ ଟାରୁ ଅପରାହ୍ନ ୪ ଟା ଯାଏ ଏହି ରେଳ ରୋକ୍ ଚାଲିଛି । ଏହି ରେଳ ରୋକରେ ଦେଶର ସମସ୍ତ ପ୍ରାନ୍ତରରୁ କୃଷକ ସଂଗଠନ ମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଛି । କୃଷକ ମାନେ ବିଭିନ୍ନ



ସ୍ଥାନରେ ଟ୍ରାକ ଉପରେ ଶୋଇ ରହି ରେଳ ଅଟକାଉଥିବା ଦେଖିବାକୁ ମିଳିଛି । ଫଳରେ ଦିଲ୍ଲୀରୁ ବିହାର ପର୍ଯ୍ୟନ୍ତ ରେଳ ସେବା ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀରେ ୪ ଟି ମେଟ୍ରୋ ଷ୍ଟେସନକୁ

▶▶ପୃଷ୍ଠା ୭


## ଭିଡିଓ କନଫରେନ୍ସିଂରେ ବିଧାନସଭାରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଧାନସଭା ଗୃହ ବିବରଣୀରେ ଭାଗ ନେଇପାରିବେ ମୁଖ୍ୟମନ୍ତ୍ରୀ । ଏଥିସହ ୨ ଜଣ ବିଧାୟକ ଓ ଜଣେ ବିଧାୟିକାଙ୍କୁ ଭିଡିଓ କନଫରେନ୍ସିଂ ରେ ଯୋଗ ଦେବାକୁ ଅନୁମତି ପ୍ରଦାନ କରିଛନ୍ତି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର।

▶▶ପୃଷ୍ଠା ୭

## ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗ

# ସତ୍ୟପାଠ ଦାଖଲ କରି ଜବାବ ଦେଲା ଆନ୍ଧ୍ର



ନୂଆଦିଲ୍ଲୀ,୧୮।୦୨: କୋଟିଆ ପ୍ରସଙ୍ଗରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ଜବାବ ଦିଆଯାଇଛି । ଓଡିଶା ପକ୍ଷରୁ ଦାଏର ହୋଇଥିବା ଆବେଦନର ଜବାବ ଦାଖଲ କରିବାକୁ ଯାଇ ଆନ୍ଧ୍ର ତଥ୍ୟ ରଖିଛି ଯେ, ୨୦୦୬ ଏବଂ ୨୦୧୩ରେ ଆନ୍ଧ୍ର ପ୍ରଦେଶର ପଂଚାୟତ ନିର୍ବାଚନର ଭୋଟ୍ ହୋଇଥିଲା । ଆଉ ଏହି ସବୁ ଗାଁ ସେଥିରେ ଭୋଟ୍ ଦେଇଥିଲେ ବୋଲି ବିଜୟନଗରମ ଜିଲ୍ଲାପାଳ ସତ୍ୟପାଠ ଦାଖଲ କରିଛନ୍ତି । ସତ୍ୟପାଠରେ କୁହାଯାଇଛି, ଓଡିଶା ଦାବି କରୁଥିବା ୩ଟି ଗାଁ ଗଂଜେଇବାଦରା, ପାଟୁଚିନ୍ନାଉରୁ, ଫଲଗୁଚିନ୍ନାଉରୁ

▶▶ପୃଷ୍ଠା ୭

ନୟାଗଡ ପରୀ ମୃତ୍ୟୁ ମାମଲାରେ ବଡ ଖୁଲାସା

## ଲାଏ ଡିଟେକ୍ସନ୍ ଟେଷ୍ଟ ପୂର୍ବରୁ ସବୁ କହିଦେଲା ଅଭିଯୁକ୍ତ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ଇଏ ଏମିତି ଏକ ବୀଭତ୍ସ କାହାଣୀ, ଯାହାକୁ ଶୁଣିଲେ ଛାତି ଥରି ଉଠିବ । ଘରେ କେହି ନଥିବା ବେଳେ କିପରି କୁନି ଝିଅ ପରୀକୁ ଘରକୁ ଡାକି ନେଇ ତଂଟି ଚିପି ମାରିଥିଲା, ତା ନିଜ ମୁହଁରେ ବଖାଣିଛି ଅଭିଯୁକ୍ତ । ଲାଇ ଡିଟେକସନ୍ ଟେବୁଲକୁ ଯିବା ପୂର୍ବରୁ ପରୀ ହତ୍ୟା ଅଭିଯୁକ୍ତକୁ ପାଖ କୋଠରୀରେ ବସା ଯାଇଥିଲା । ଯାହାର ଭିଡିଓ ଏବେ କନକ ନ୍ୟୁଜ ହାତରେ ଲାଗିଛି । ଯେଉଁ ବିଶେଷଜ୍ଞମାନେ ଏହି ଟେଷ୍ଟ କରନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତକୁ ଅନୌପଚାରିକ ଭାବେ ପଚରାଉଚରା କରିଥିଲେ । ସେହି ସମୟରେ ଅଭିଯୁକ୍ତ ମାନିଥିଲା, ପରୀକୁ ମାରିଦେବା ପରେ କାନ୍ଥ ଉପରେ ଥିବା ଏକ ଝୋଟ ଅଖାରେ ପୁରାଇ ବାଡି ପଛପଟେ ପୋଖରୀ କୂଳରେ ମୃତଦେହକୁ ଫୋପାଡି ଦେଇଥିଲା । ଆଉ ଏକଥା ବି ଅଭିଯୁକ୍ତ ସ୍ୱୀକାର କରିଛି, ସେ ଦୁଷ୍କର୍ମ କରିବାକୁ ଚାହିଁଥିଲା । ସେଥିପାଇଁ ଲେଗିଙ୍ଗସକୁ ଖୋଲିଥିଲା,

▶▶ପୃଷ୍ଠା ୭

## ବିଧାନସଭାକୁ ଘାରିଲା ଆତ୍ମାହୁତି ଭୟ : ଚାରିପଟୁ ସିଲ୍ କରି ଯାଂଚ କଡ଼ାକଡ଼ି କଲା ପୁଲିସ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ସକାଳ ପ୍ରାୟ ୯ଟା ସମୟରେ ବ୍ୟସ୍ତବହୁଳ ଏଜି ଛକ ନିକଟସ୍ଥ ଜୟଦେବ ଭବନ ସମ୍ମୁଖରେ ଦେଖିବାକୁ ମିଳିଥିଲା ପ୍ରବଳ ଟ୍ରାଫିକ୍ ଜାମ୍ । ଯେଉଁଥିରେ ନିଜ ନିଜ କାମରେ ବାହାରିଥିବା ଲୋକ ଦହଗଂଜ ହୋଇଥିଲେ । ବ୍ୟାରିକେଡ ଟପି ଗାଡି ଚଳାଇବା ବି କଷ୍ଟକର ହୋଇପଡିଥିଲା । ରାସ୍ତା ଟପି ଆଗକୁ ଯିବା ପାଇଁ ବି ଲୋକେ ନାକେଦମ୍ ହୋଇଥିଲେ । ରାଜଧାନୀର କେନ୍ଦ୍ର ସ୍ଥଳରେ ଏପରି ଭିଡ ହେବା ପଛରେ ରହିଛି ବିଧାନସଭା । କାରଣ ଆଜିଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଛି । ସୁରକ୍ଷାକୁ ଧ୍ୟାନ ଦେଇ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ସହ ବିଧାନସଭା ସୌଧର ଚାରିପଟ ରାସ୍ତାକୁ କରାଯାଇଛି ବନ୍ଦ । ଏଜି ଛକରୁ ସଚିବାଳୟ ମାର୍ଗ ଦେଇ ଆସୁଥିଲେ ଆଇଜି ପାର୍କ ପଛ ପାଖରେ ରାସ୍ତା ବନ୍ଦ କରାଯାଇଛି । ଫଳରେ ପୁରୁଣା ବିଧାନସଭା ସୌଧ ଆଡକୁ ଯାଉଥିବା ରାସ୍ତାରେ ଯିବାକୁ ପଡିବ । ମାଷ୍ଟର କ୍ୟାଂଟିନରୁ ପିଏମଜି ଆଡକୁ ଆସୁଥିଲେ ଆଇଜି ପାର୍କ ସମ୍ମୁଖ ଫାଟକ ଓ ପିଏମଜି ଅଫିସ ପାଖରେ ରାସ୍ତା ବନ୍ଦ । ସେପଟେ ୟୁନିଟ୍-୪ ମସଜିଦ୍

▶▶ପୃଷ୍ଠା ୭

# ନୟନଯୋରୀକୁ ଓଲଟିଲା ଗୋରୁ ବୋଝେଇ କଣ୍ଟେନର : ୩ ବ୍ୟବସାୟୀ ଓ ୨୮ ଗୋରୁ ମୃତ

ବାଲେଶ୍ୱର,୧୮।୦୨ (ନି.ପ୍ର): ପଶ୍ଚିମବଙ୍ଗ ଯାଉଥିବା ଗୋରୁ ବୋଝେଇ ଏକ କଣ୍ଟେନର ବାଲେଶ୍ୱର ଜିଲା ୬୦ ନଂ ଜାତୀୟ ରାଜପଥର ବସ୍ତା ଗାନ୍ଧୀଛକଠାରେ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୨୮ ଗୋରୁଗାଈଙ୍କ ସମେତ ୩ ଜଣ ବ୍ୟବସାୟୀଙ୍କର ଗୁରୁବାର ସକାଳେ ମୃତ୍ୟୁ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ରାତିରେ ଭଦ୍ରକ ଅଞ୍ଚଳରୁ ଶତାଧିକ ଗୋରୁ ବୋଝେଇ ଓଆର୦୧କ୍ୟୁ/୫୬୩୬ ନଂର ଏକ କଣ୍ଟେନର ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଗତକାଲି



ବିଳମ୍ବିତ ରାତିରେ ବାହାରିଥିବା ଏହି କଣ୍ଟେନର ଗୁରୁବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ୬୦ ନଂ ଜାତୀୟ ରାଜପଥରେ ବସ୍ତାର ଗାନ୍ଧୀଛକ ଅତିକ୍ରମ କରୁଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବଲେରୋ ହଠାତ ଧକ୍କା ହେବା ସହ କଣ୍ଟେନରଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନୟନଯୋରୀକୁ ଓଲଟି ପଡ଼ିଥିଲା। ଖବର ପାଇ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବସ୍ତା ପୁଲିସ, ଅଗ୍ନିଶମ ବିଭାଗ, ଏନଏଚଏଆଇ ଟିମ ପ୍ରଭୃତି ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। କଣ୍ଟେନରରେ ଥିବା ଶତାଧିକ ଗୋରୁଙ୍କ ମଧ୍ୟରୁ ୨୮ଗୋରୁ ଓ ଏଥିରେ ରହିଥିବା ୩ ଗୋରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜୀବତ ଅବସ୍ଥାରେ ଉଦ୍ଧାର ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କର ଚିକିତ୍ସା ପ୍ରାଣୀଧନ ବିଭାଗ ପକ୍ଷରୁ ଜାରି ରହିଛି। ତେବେ ଦୁର୍ଘଟଣା ପରେ କଣ୍ଟେନରର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଦୁର୍ଘଟଣାଗ୍ରସ୍ତ ପିକଅପର ଥିବା ଡ୍ରାଇଭର ଓ ହେଲପରଙ୍କ ଅବସ୍ଥା ଏବେ ଠିକ ଥିବା ଜଣାପଡ଼ିଛି। ଏନେଇ ପୁଲିସ ଏକ ମାମଲା ରୁଜୁ ସହ ଗାଡ଼ି ଦୁଇଟିକୁ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ କଣ୍ଟେନରର ନମ୍ବରକୁ ଭିତ୍ତିକରି ପୁଲିସ ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

## ସହଯୋଗର ହାତ ବଢ଼ାଇଲେ ରାସ୍ତା ଦୁର୍ଘଟଣାକୁ ରୋକାଯାଇ ପାରିବ : ମନ୍ତ୍ରୀ

ଭୁବନେଶ୍ୱର,୧୮।୨ (ନି.ପ୍ର): ଜାନୁଆରୀ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏକ ମାସ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ବୁଧବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେଆୟୋଜିତ ଏକ ଉତ୍ସବରେ ବାଣିଜ୍ୟ ଓ ପରିବହନ ତଥା ଯୋଜନା ଓ ସଂଯୋଜନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଥିଲେ, ସଡ଼କ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଦିଗରେ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ୫ 'ଟି' ସୂତ୍ର ଆଧାରରେ ଟେକ୍ନୋଲୋଜିର ପ୍ରୟୋଗ କରି ଜନସାଧାରଣଙ୍କ ନିକଟରେ ପରିବହନ ସେବା ଯୋଗାଇ ଦେବା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ । ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଅନୁପାଳନ ସହ ଏ କ୍ଷେତ୍ରରେ ସମସ୍ତେ ସହଯୋଗର ହାତ ବଢ଼ାଇଲେ ହିଁ ରାସ୍ତା ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଏହି ଅବସରରେ ସଡ଼କ ସୁରକ୍ଷା ମାସ୍କଟ 'ଟିଆ'(ଟ୍ରାନ୍ସପୋର୍ଟ ଇଂଟେଲିଜେଂଟ ଆସିଷ୍ଟାଂଟ) ଏବଂ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ଭିଡିଓର ଲୋକାର୍ପଣ ହୋଇଥିଲା । ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମାସ୍କଟ ଏବଂ ଭିଡ଼ିଓର ବହୁଳ ବ୍ୟବହାର କରାଯିବ । ମାସ୍କଟର ଡିଜାଇନ୍ କରିଥିବା ଅନୁଗୋଳର ଦୀପ୍ତିମୟ ମହାରଣା ଏବଂ ଭିଡିଓ ପ୍ରସ୍ତୁତ କରିଥିବା ଆଦର୍ଶ ବିଦ୍ୟାଳୟ, ନୋଟାର, ନୟାଗଡ଼ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋତ୍ସ୍ନା ନାୟକ ଏବଂ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଗତ ଏକମାସ ଧରି ଆୟୋଜିତ ହୋଇଥିବା ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତା(ପୋଷ୍ଟର, ଜିଙ୍ଗଲ, ୟୁଟ୍ୟୁବ୍ ଆଇଡିଆ, କୁଇଜ୍)ର କୃତୀ ପ୍ରତିଯୋଗୀମାନଙ୍କୁ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା । ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ହସ୍‌ପିଟାଲ ନେଇଥିବା ୬ ଜଣ ଗୁଡ୍ ସାମରିଟାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଦିଆଯିବା ସହ ସଡ଼କ ସୁରକ୍ଷା କ୍ଷେତ୍ରରେ ଅତି ଉତମ କାର୍ଯ୍ୟ କରିଥିବା ୩ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଦିଆଯାଇଥିଲା । ବିଭିନ୍ନ ଅନଲାଇନ ପରିବହନ ସେବା ପୋର୍ଟାଲର ବିକାଶରେ ସହଯୋଗ କରିଥିବା ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକପ୍ରଶାନ୍ତ କୁମାର ନାୟକ ଏବଂ ଡିଜିଟାଲ ମୋଡ୍‌ରେ ପ୍ରତିଯୋଗିତା ଆୟୋଜନରେ ସହାୟତା ପାଇଁ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍, ଭୁବନେଶ୍ୱରର ପ୍ରଫେସର ଗୋପାଳକୃଷ୍ଣ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଅଭୟ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବମଧୁସୂଦନ ପାଢ଼ୀ, ପରିବହନ କମିଶନର ସଂଜୀବ ପଣ୍ଡା ଯୋଗ ଦେଇଥିଲେ ।

# ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର,୧୮।୨ (ନି.ପ୍ର): ରାଜ୍ୟର ଜଣେ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିଜର କର୍ତ୍ତବ୍ୟନିଷ୍ଠା, ଛାତ୍ରଛାତ୍ରୀ ବତ୍ସଳତା, ଅନୁଷ୍ଠାନ ପ୍ରେମୀ, ସଂଗଠନ ଓ ନିଜର ଯଶ ତଥା ଖ୍ୟାତି ଯୋଗୁଁ ରାଜ୍ୟପାଳ ଓ ରାଷ୍ଟ୍ରପତିପୁରସ୍କାର ପାଇଥିବା ବେଳେ ଦୀର୍ଘଦିନ ଶଯ୍ୟାଶାୟୀ ଥିବା ନାମ୍ପୋ ଗ୍ରାମର ଅଭିମନ୍ୟୁ ଚନ୍ଦଙ୍କର ୮୭ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ଘଟିଛି । ନିଜର ପୁଅ ତ ଥିଲେ ହେଁ ହଜାର ହଜାର ବ୍ୟକ୍ତି ଆସି ତାଙ୍କୁ ଶେଷ ଦର୍ଶନ କରିଛନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମରେ ୧୯୩୭ ମସିହା ସେପ୍ଟେମ୍ବର ୪ ତାରିଖରେ ଅଭିମନ୍ୟୁ ରାଉଳଙ୍କ ଜନ୍ମ ହୋଇଥିଲା । ଜଣେ ଶିକ୍ଷିତ , ଅନୁଷ୍ଠାନକୁ ଭଲ ପାଉଥିବାରୁ ମୟୂରଭଂଜ ଜିଲାର ମୁରୁଡା, ବେତନଟୀ, ରାଇରଙ୍ଗପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ତାଙ୍କର ଖ୍ୟାତି ରହିଥିଲା । ତାଙ୍କର ବିଭିନ୍ନ ସୁଗୁଣ, ଖ୍ୟାତି ପାଇଁ ସେ ୧୯୮୧ରେ ରାଜ୍ୟପାଳ ଓ ୧୯୯୨ରେ ରାଷ୍ଟ୍ରପତି ପୁରସ୍କାର ପାଇ ପାରିଥିଲେ । ସେ ବାର୍ଦ୍ଧକ୍ୟ ରୋଗ ସହିତ କିଡ୍‌ନି ଓ ଲିଭର ରୋଗରେ ପିଡିତ ଥିଲେ । ଆଜି ଭୋର ୭.୩୦ମି. ସମୟରେ ତାଙ୍କର ପରଲୋକ ହୋଇ ଯାଇଛି । ଏହି ଖବର ପାଇ ଗ୍ରାମର ସିତାକାନ୍ତ ଜେନା, ମାନସ ଜେନା, ରାମଶଂକର ଜେନା, ସରପଂଚ ସଂଜୟ ସିଟ, ଜାମିନୀ କାନ୍ତ ଦତ୍ତ, ନରେଶ ରାଉଳ, ବାଞ୍ଛାନିଧି ସୁର, ନରେନ୍ଦ୍ର ରାଉଳ, ସୁବାଶିଷ ଦାସ, ପ୍ରମୋଦ ଜେନା, ଉମାଶଂକର ଜେନା, ନାମ୍ପୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ସେଣ ଓ ଅନ୍ୟ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଶେଷ ଦର୍ଶନ କରିଛନ୍ତି । ପୁତୁରା ତଥା ନାମ୍ପୋ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଜେନା ମୁଖାଗ୍ନି ଦେଇଛନ୍ତି । ବିଧାୟକ ଅଶ୍ୱିନୀ ପାତ୍ର, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଶିକ୍ଷକ ମନୋରଂଜନ ଦାସ, ଡ. ଅଜିତ୍ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ପୁରୀ,୧୮।୨ (ନି.ପ୍ର): ଜାତୀୟ ସଡକ ସୁରକ୍ଷା ମାସ ପାଳନ ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ନିଳାଦ୍ରି ବେଳାଭୂମିରେ ଅନୁଷ୍ଠିତ ହୋଇଛି । ଆଂଚଳିକ ପରିବହନ କାର୍ଯ୍ୟାଳୟ, ରୋଟାରୀ କ୍ଲବ, ପୁରୀ ସାଇକେଲ କ୍ଲବ, ୱାଇଏଫଏସ୍ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବହନ କମିଶନର ଶ୍ରୀ ସଞ୍ଜିବ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଡକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ କରୋନା ସମ୍ମୁଖ ଯୋଦ୍ଧା ଭାବେ ୪୦ ଜଣ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମୀର କୁମାର ଦଳାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ନିଖିଳ ଓଡିଶା ବସ ସଂଘ ସଭାପତି ଶ୍ରୀ ଲୋକନାଥ ପାଣି, ରୋଟାରୀ କ୍ଲବ ସଭାପତି ଶ୍ରୀ ପ୍ରମୋଦ କୁମାର ଆଚାର୍ଯ୍ୟ, ବିଭିନ୍ନ ସଂଘର କର୍ମକର୍ତା, ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଇ-ଲ' ପ୍ରସଙ୍ଗରେ ଅପରାଜିତାଙ୍କ ପ୍ରଶ୍ନର ଉତ୍ତର ରଖିଲା ବିଜେଡି

## ସଂସ୍କୃତି ନିର୍ଦ୍ଦେଶକ ନୁହେଁ ଏଏସଆଇର ଆଂଚଳିକ ନିର୍ଦ୍ଦେଶକ କ୍ଷମତାପ୍ରାପ୍ତ ଅଧିକାରୀ

ଭୁବନେଶ୍ୱର,୧୮।୨ (ନି.ପ୍ର): ବାଇ -ଲ ପ୍ରସଙ୍ଗରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଜାଣିଶୁଣି ମନଗଢା କଥା କହୁଛନ୍ତି । ଆମସରର ସେକ୍ସନ୍-୨୦ ଇ ଅନୁଯାୟୀ ଐତିହ୍ୟ ବାଇ-ଲ, ଯାହା କି ଏକାମ୍ର କ୍ଷେତ୍ରକୁ ପ୍ରଭାବିତ କରୁଛି ତାହାକୁ ତିଆରି କରିବା ପାଇଁ କିଏ କ୍ଷମତାପ୍ରାପ୍ତ ଅଧିକାରୀ ମିଥ୍ୟା ତଥ୍ୟ ଉପସ୍ଥାପନ ଦ୍ୱାରା ଓଡିଶା ଲୋକଙ୍କୁ ବୋକା ବନାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଆମସର ଆଇନକୁ ପଢି ପ୍ରଶ୍ନର ଉତର ଦିଅନ୍ତୁ । ଏଭଳି ଭାବେ ସାଂସଦଙ୍କୁ ଜବାବ୍ ଦେଇଛନ୍ତି ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ । ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସେ କହିଛନ୍ତି ଯେ ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କୋଲକାତା ଠାରେ ଥିବା ଏଏସଆଇର ଆଂଚଳିକ ନିର୍ଦ୍ଦେଶକ ହେଉଛନ୍ତି ଆମସର, ୧୯୫୮ ଆକ୍ଟ ଅନୁଯାୟୀ ଐତିହ୍ୟ ବାଇ-ଲ ଚିଠା ପ୍ରସ୍ତୁତର କ୍ଷମତାପ୍ରାପ୍ତ ଅଧିକାରୀ । ମୋର ବକ୍ତବ୍ୟକୁ ଯେଭଳି ଭୁଲ ଭାବେ ଦର୍ଶାଯାଇଛି ତାହା ମତେ ବ୍ୟଥିତ କରିଛି । ସଂସ୍କୃତି ନିର୍ଦ୍ଦେଶକ ଚିଠା ଐତିହ୍ୟ ବାଇ-ଲ ପ୍ରସ୍ତୁତର କ୍ଷମତାପ୍ରାପ୍ତ ଅଧିକାରୀ ନୁହନ୍ତି । କୋଲକାତା ଠାରେ ଥିବା ଏଏସଆଇର ଆଂଚଳିକ ନିର୍ଦ୍ଦେଶକ ଓଡିଶାର ମନ୍ଦିରଗୁଡିକ ଲାଗି ଐତିହ୍ୟ ବାଇ-ଲ ପ୍ରସ୍ତାବ ପଠାଇଛନ୍ତି । ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଓଡିଶାର ସଂସ୍କୃତି ବିଷୟରେ ଅବଗତ ନୁହନ୍ତି, ତେଣୁ ଧାର୍ମିକ ଭାବନା ସହିତ ଜଡିତ ବିଗ୍ରହ, ସେବାୟତ ଏବଂ ଭକ୍ତଙ୍କର ଯେଉଁ ସମ୍ପର୍କ ରହିଛି ତାହା ବୁଝିବା ତାଙ୍କ ପକ୍ଷେ କଷ୍ଟକର ବୋଲି ସେ କହିଛନ୍ତି ।

## ପୋଷ୍ୟ ସ୍କୁଲକୁ ତିରିଶ ହଜାର ଟଙ୍କା ଦେଲେ ଜିଲ୍ଲାପାଳ

ପୁରୀ,୧୮।୨ (ନି.ପ୍ର): ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ଓ ଭିତିଭୂମିରେ ଉନ୍ନତି ପାଇଁ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ନିଜସ୍ୱ ପାଣ୍ଠିରୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବିଶ୍ୱମ୍ଭର ବିଦ୍ୟାପୀଠ ଏବଂ ସରକାରୀ ବାଳିକା ବିଦ୍ୟାଳୟ, ପୁରୀ ପ୍ରତ୍ୟେକକୁ ତିରିଶି ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି । ଉକ୍ତ ବିଦ୍ୟାଳୟ ଗୁଡିକର ଭିତିଭୂମି ବିକାଶ, ଗୁଣାତ୍ମକ ଶିକ୍ଷା ମାନ ବୃଦ୍ଧି, ଡିଜିଟାଲ ଶିକ୍ଷା କ୍ଷେତ୍ରରେ ସହଯୋଗ କରିବା ଏବଂ ବିଦ୍ୟାଳୟ ଉନ୍ନତିରେ ସହଭାଗୀ ହେବାକୁ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଜିଲାପାଳଙ୍କୁ ଉଭୟ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କ ତରଫରୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ଭବତାରଣ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ସୁଶିଲ କୁମାର ବ୍ରହ୍ମା, ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପର୍ଯ୍ୟଟନସ୍ଥଳ ଭାବରେ ଓଡ଼ିଶାକୁ ପ୍ରତିଷ୍ଠା : ଆହ୍ୱାନ ଓ ସୁଯୋଗ

ଭୁବନେଶ୍ୱର,୧୮।୨ (ନି.ପ୍ର): କଳିଙ୍ଗ ଆନ୍ତର୍ଜାତୀୟ ଯୁବ ପ୍ରତିଷ୍ଠାନ (କେୱାଇଏଫ) ଭୁବନେଶ୍ୱରରେ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ପର୍ଯ୍ୟଟନସ୍ଥଳ ଭାବରେ ଓଡ଼ିଶାକୁ ପ୍ରତିଷ୍ଠା; ଆହ୍ୱାନ ଏବଂ ସୁଯୋଗ ନାମରେ ଏକ ଆନ୍ତର୍ଜାତୀୟ ୱେବିନାର ଆୟୋଜନ କରିଛି । ବିଶ୍ୱସ୍ତରରେ 'ଓଡ଼ିଶା ପର୍ଯ୍ୟଟନ'କୁ ପ୍ରୋତ୍ସାହିତ କରିବା ପାଇଁ କେୱାଇଏଫ ଦ୍ୱାରା ଏହା ଏକ ଅଭିନବ ପ୍ରୟାସ ଥିଲା । ସମଗ୍ର ବିଶ୍ୱର ପର୍ଯ୍ୟଟନ ଏବଂ ଆତିଥ୍ୟ ଶିଳ୍ପରୁ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଓ ବକ୍ତା ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ପ୍ରୟାସକୁ ଆହୁରି ମଜଭୁତ କରିବା ପାଇଁ ତଥା ଓଡ଼ିଶା ପର୍ଯ୍ୟଟନକୁ ଆହୁରି ଆକର୍ଷିତ କରିବାର ସୁଯୋଗକୁ କିପରି ଉପଯୋଗ କରାଯାଇ ପାରିବ ସେ ନେଇ ସେମାନେ ଗଠନମୂଳକ ପ୍ରସ୍ତାବମାନ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଥାଇଲାଣ୍ଡ ପର୍ଯ୍ୟଟନ ପରିଷଦ ଓ ଇଣ୍ଡୋଥାଇ ଚାମ୍ବର୍ସ ଅଫ କମର୍ସର ଉପାଧକ୍ଷା ଶ୍ରୀମତୀ ସମସଙ୍ଗ ପାସାପିମୁଖ୍, ସ୍ୱତନ୍ତ୍ର ଅତିଥି ଭାବେ ଇଣ୍ଡୋନେସିଆ ପର୍ଯ୍ୟଟନ ପ୍ରୋତ୍ସାହନ ବୋର୍ଡ଼ର ଅଧକ୍ଷ ଶ୍ରୀ ଅର୍ଗୁସ ମହାଉସାଢା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମାଲେସିଆ ପାରାଡ଼ାଇଜ ଗ୍ରୁପ ଅଫ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧକ୍ଷ ଶ୍ରୀ ପ୍ରଦୀପ କୁମାର କୁକ୍ରେଜା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଙ୍ଗାପୁର ଇଣ୍ଡିଆ ଚାମ୍ବର୍ସ ଅଫ କମର୍ସ ଉପାଧକ୍ଷ ଶ୍ରୀ ମନୀଷ କୁମାର, କାମତ ଗ୍ରୁପ୍ ଅଫ ହୋଟେଲସର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶାଳ କାମତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ପର୍ଯ୍ୟଟନ, ଯାତ୍ରା ଓ ଆତିଥ୍ୟ ଶିଳ୍ପର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । କେୱାଇଏଫର ନିର୍ଦ୍ଦେଶକ ଡଃ ପାର୍ଥସାରଥୀ ମିଶ୍ର ୱେବିନାରକୁ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ଅଧକ୍ଷ ଶ୍ରୀଯୁକ୍ତ ବିଭୂପ୍ରସାଦ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ପ୍ରଫେସର ବିନୟ ଭୂଷଣ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ବିଶ୍ୱଜିତ ମହାପାତ୍ର, ସୁଶ୍ରୀ ଜ୍ୟୋତ୍ସ୍ନାମୟୀ ପରିଡ଼ା ଏବଂ ଶ୍ରୀ ଅମିତ ପ୍ରକାଶ ନାୟକ ମଂଚ ପରିଚାଳନା କରିଥିଲେ ।


# ଭୁବନେଶ୍ୱରରେ ରାମ ମନ୍ଦିର ନିଧି ସମର୍ପଣ ଅଭିଯାନରେ ସାମିଲ ହେଲେ ମୁସଲମାନ

ଭୁବନେଶ୍ୱର,୧୮।୨ (ନି.ପ୍ର): ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଚାଲିଥିବା ନିଧି ସମର୍ପଣ ଅଭିଯାନରେ ଓଡିଶାରେ ଅନେକ ମୁସଲମାନ ଭାଇ ଭଉଣୀମାନେ ସାମିଲ ହୋଇଛନ୍ତି । ମନ୍ଦିର ନିର୍ମାଣ ପାଇଁ ନିଜର ସାମର୍ଥ୍ୟ ଅନୁସାରେ ସେମାନେ ସଂଗ୍ରହକାରୀ କର୍ମକର୍ତାଙ୍କୁ ନିଧି ସମର୍ପଣ କରିଛନ୍ତି । ଅନେକ ମୁସଲମାନ ଭାଇମାନେ ମଧ୍ୟ ଘର ଘର ବୁଲି ନିଧି ସଂଗ୍ରହ କରିଛନ୍ତି । ଭୁବନେଶ୍ୱର ଖଣ୍ଡଗିରି ଅଂଚଳରେ ରହୁଥିବା ବିଶିଷ୍ଟ ବ୍ୟବସାୟୀ ମିର୍ଜା ଜଇନୁଲ ବେଗ ଏହି ଅଭିଯାନରେ ସାମିଲ ହୋଇ ନିଧି ସମର୍ପଣ କରିଛନ୍ତି ଓ ନିଧି ସଂଗ୍ରହ ମଧ କରିଛନ୍ତି । ମିର୍ଜା ଜଇନୁଲ ବେଗ ନିଧି ସମର୍ପଣ କରି କହିଲେ ଯେ, ଅଯୋଧ୍ୟାରେ ଶ୍ରୀରାମ ଚନ୍ଦ୍ରଙ୍କର ମନ୍ଦିର ନିର୍ମାଣ ପାଇଁ ସୁପ୍ରିମକୋର୍ଟଙ୍କ ଯେଉଁ ନିଷ୍ପତି ଦେଲେ ତାକୁ ସବୁ ଧର୍ମର ଲୋକ ଆନନ୍ଦରେ ଗ୍ରହଣ କରିଛନ୍ତି । ଖାଲି ହିନ୍ଦୁ ଲୋକ ନୁହଁନ୍ତି ମୁସଲମାନ ଲୋକମାନେ ମଧ ସ୍ୱାଗତ କରିଛନ୍ତି । ତେଣୁ ଏହି ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ନିତାନ୍ତ ଆବଶ୍ୟକ । ଆମେ ବି ଦେଖୁଛୁ ବହୁତ ମୁସଲମାନ ବ୍ୟକ୍ତି ଅକୁଣ୍ଠ ଚିତରେ ନିଧି ସମର୍ପଣ କରୁଛନ୍ତି । ମୋର ସୌଭାଗ୍ୟ ଏଥିପାଇଁ ମୁଁ ଗୁଣ୍ଡୁଚି ମୂଷା ଭଳି କିଛି ସହଯୋଗ କରି ପାରିଛି । ଏଥିପାଇଁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି । କେବଳ ମୁଁ ନୁହେଁ ଆମର ସମସ୍ତ ପରିବାର ମଧ ଏହି ମହାନ କାମରେ ନିଜକୁ ସାମିଲ କରିଛନ୍ତି । ପ୍ରଭୁ ଶ୍ରୀରାମ ହେଉଛନ୍ତି ଆମ ରାଷ୍ଟ୍ରର ଗୌରବ । ଆମେ ଆମ ଜେଜେବାପାଙ୍କ ଠାରୁ ମଧ ଏହା ପ୍ରେରଣା ପାଇଛୁ । ସମସ୍ତଙ୍କୁ ଅନୁରୋଧ କରୁଛି ଜାତି ଧର୍ମ ନିର୍ବିଶେଷରେ ଏହି ମନ୍ଦିର ନିର୍ମାଣ ପାଇଁ ସମସ୍ତଙ୍କର ସହଯୋଗ ରହୁ । ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି, ଓଡିଶାର ଉପାଧକ୍ଷ ଶ୍ରୀ ମନସୁଖଲାଲ ସେଠିଆ ଓ ବିଶିଷ୍ଟ ସମାଜସେବୀ ଲାଲଚନ୍ଦ ମେହତା ମିର୍ଜା ଜଇନୁଲ ବେଗଙ୍କ ଠାରୁ ନିଧି-ସଂଗ୍ରହ କରିଥିଲେ । ସେହିପରି ଜୟଦେବ ବିହାରର ଶେଖ ଅବଦୁଲ ସଫିକ, ଖେମ୍‌ଜୀ ହୋଣ୍ଡା କମ୍ପାନୀରେ କାମ କରୁଥିବା ମହମ୍ମଦ ଫାରୁକଙ୍କ ପରି ଭୁବନେଶ୍ୱରର ଅନେକ ମୁସଲମାନ ଭାଇମାନେ ନିଧି ସମର୍ପଣ କରିଛନ୍ତି ।

# ୫ ଦିନରେ ଦରଦାମ୍ ନିୟନ୍ତ୍ରଣ ନହେଲେ ପେଟ୍ରୋଲ ପମ୍ପରୁ ହୋର୍ଡିଂ ଖୋଲିବ ଯୁବ କଂଗ୍ରେସ

ଭୁବନେଶ୍ୱର,୧୮।୨ (ନି.ପ୍ର): ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ବୁଧବାର ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଘେରାଉ ଉଦ୍ୟମ କରାଯାଇଛି । ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲ ଛକରୁ ଏକ ବିଶାଳ ଶୋଭାଯାତ୍ରା ଅଭିନବ ଉପାୟରେ କାର୍, ମୋଟର ସାଇକେଲ୍‌କୁ ଠେଲି ଠେଲି କେନ୍ଦ୍ରମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ବାହାରି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାକୁ ଉଦ୍ୟମ କରିଥିଲେ । ତେବେ ପୋଲିସ୍ ଆନ୍ଦୋଳନକାରୀଙ୍କୁ ଅଟକାଇବା ଫଳରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା । ଅପରପକ୍ଷରେ ଆଗାମୀ ୫ ଦିନ ଭିତରେ ଯଦି ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ ନହେଲେ ଯୁବ କଂଗ୍ରେସ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରୁ ଜନସାଧରଣଙ୍କ ଟିକସରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଲାଗିଥିବା ହୋର୍ଡିଂକୁ ଖୋଲିବ ଏବଂ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଆଇନ୍‌କୁ ହାତକୁ ନେବାକୁ ପଛଘୁଂଚା ଦେବ ନାହିଁ ବୋଲି ଯୁବ କଂଗ୍ରେସ ସଭାପତି ଡକ୍ଟର ଲେଙ୍କା ସରକାରଙ୍କୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସମଗ୍ର ମାନବ ଜାତି କରୋନା ମହାମାରୀ କବଳରୁ ସଂପୂର୍ଣ୍ଣ ଭାବେ ମୁକ୍ତି ପାଇନଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପରିଲକ୍ଷିତ ହୋଇଛି । ଅର୍ନ୍ତଜାତୀୟ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ବ୍ୟାରେଲ୍ ପିଛା ୫୦ ଡଲାର ଥିବା ବେଳେ ବଜାରରେ୯୦ ଟଙ୍କାରେ ବିକ୍ରୀ ହେଉଛି । ବିଗତ ୧ ମାସ ଭିତରେ ଗ୍ୟାସ ଦର ୧୫୦ ଟଙ୍କା ବୃଦ୍ଧି ପାଇ ୮୫୦ ଟଙ୍କାରେ ପହଂଚିଛି । ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ବିଭାଗରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଛି । ରାଜ୍ୟ ସରକାର ମଧ ନିଜ ଦଳୀୟ ପାଣ୍ଠି ବଢ଼ାଇବା ପାଇଁ ଟିକସ ହ୍ରାସ କରୁନାହାନ୍ତି । ହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ଅଲିମ୍, ଅଭିଲାଷ ମାଣିଆ, କିରଣ ସାହୁ, ରାଜୀବ ପଟ୍ଟନାୟକ, ସାଧାରଣ ସଂପାଦକ ବିରେନ୍ ଦଳାଇ, ଦେବଦତ ପାତ୍ର, ରାକେଶ ସାହୁ, ଗୋପନ ମାର୍ଥା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ,ଯୁବ କଂଗ୍ରେସ ମୁଖପାତ୍ର ଅମ୍ରିତା ଦାସ, ନଳିନୀକାନ୍ତ ନାୟକ, ଯୁବ କଂଗ୍ରେସ ସଂପାଦକ ଆକ୍ୟୁବ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# 'ସମୟ କଷଟିରେ ମୋ ଜୀବନ'ର ଲୋକାର୍ପଣ ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ,୧୮।୨ (ନି.ପ୍ର): ଭଦ୍ରକ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ପ୍ରଖ୍ୟାତ ନାଟ୍ୟକାର ତଥା ନେତା ସୁଧାକର ନନ୍ଦଙ୍କ ଦ୍ୱାରା ରଚିତ ତାଙ୍କ ଆତ୍ମଜୀବନୀ 'ସମୟ କଷଟିରେ ମୋ ଜୀବନ' ଲୋକାର୍ପଣ କରିବା ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଭଦ୍ରକ ସହର ନରିପୁର ସ୍ଥିତ 'ଜଗତ ଜନନୀ' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରସ୍ତୁତି ବୈଠକ ସୁଧାକର ନନ୍ଦ ପୌରୋହିତ୍ୟ କରିଥିଲେ । ଇଂ ଅଖିଳ କୁମାର ପାଢୀ, ପଣ୍ଡିତ ଦୈତାରୀ ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ପ୍ରଫେସର ଅଟଳ ବିହାରୀ ନାୟକ, ଉତ୍କଳ ସାମ୍ବାଦକ ସଂଘ ଜିଲ୍ଲା ସଭାପତି ରବି ନାରାୟଣ ଖିଲାର, ବିଶିଷ୍ଟ ଅଭିନେତା ତଥା ବ୍ୟଙ୍ଗ କବି ବିଜୟ କୁମାର ବହଳୀ, ନାଟ୍ୟ ସଂଗଠକ ଗୌରାଙ୍ଗ ଚନ୍ଦ୍ର ବାରିକ, କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର, କବୟିତ୍ରୀ ଗୀତାରାଣି ଆଇଚ ପ୍ରୀତିଲତା ପଣ୍ଡା, ଜାନକୀ ପାଢୀ, ମନୋରମା ରାୟ, ଚୈତାଳୀ ଖିଲାର, ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ଅଂଜନା ମିଶ୍ର, ଅଭିନେତା ତଥା କବି କାଳନ୍ଦୀ ଚରଣ ମଲ୍ଲିକ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ରହି ମତାମତ ରଖିଥିଲେ । ଲେଖକ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ନୀହାର ରଂଜନ କର ସ୍ୱାଗତ ଭାଷଣ ସହିତ ପୁସ୍ତକ ସମ୍ପର୍କୀତ ସମ୍ପାଦକୀୟ ବିବିରଣୀ ପ୍ରକାଶ କରିଥିଲେ । ଚର୍ଚ୍ଚିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଲୋକାର୍ପଣ ଉତ୍ସବରେ ପୁସ୍ତକର ଲୋକାର୍ପଣ କରାଯିବା ସହିତ କବିତା ପାଠୋତ୍ସବ, ସାଧାରଣ ସଭା, ସମ୍ବର୍ଦ୍ଧନା ସମାରୋହ, ନାଟ୍ୟକାର ସୁଧାକର ନନ୍ଦଙ୍କ ରଚିତ ନାଟକ 'ତେଣୁ ସେ ଜଗତ କଲ୍ୟାଣୀ' ସହିଦ୍ ସ୍ମୃତି ଭବନରେ ମଞ୍ଚସ୍ଥ କରାଯିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି ।

## କମଳଘୋରା ସାଂସ୍କୃତିକ ସଂସଦ ପକ୍ଷରୁ ବାଦିପାଲା ଆୟୋଜନ

କେନ୍ଦ୍ରାପଡ଼ା,୧୮।୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଘାଗରା ପଂଚାୟତ ଘାଗରା ଗ୍ରାମରେ ଶ୍ରୀ ଶ୍ରୀ ସରସ୍ୱତୀ ପୂଜା ଓ ବାଦିପାଲା ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଘାଗରା ଗ୍ରାମରେ ଥିବା ବହୁ ପୁରାତନ କମଳଘୋରା ସାଂସ୍କୃତିକ ସଂସଦ ପକ୍ଷରୁ ସରସ୍ୱତୀ ପୂଜା ଆୟୋଜନ କରାଯାଇଥିଲା । ଏହି ଅବସର ରେ ଦୁଇ ଦିନ ବ୍ୟାପି ବାଦିପାଲା ଆୟୋଜନ କରାଯାଇଛି । ଗାୟକ ସୁବାଷ ରାୟ ଓ ସୁଶାନ୍ତ କୁମାର ପାଢୀଙ୍କ ମଧ୍ୟରେ ଏହି ବାଦିପାଲା ଅନୁଷ୍ଠିତ ହୋଇଥିଲା ।

# ବସ୍ତିର ପରିତ୍ୟକ୍ତ ଘର ପାଲଟିଛି ନିଶାବେପାରୀଙ୍କ ପେଣ୍ଠସ୍ଥଳୀ: ଲୁଟର ଶିକାର ହେଉଛନ୍ତି ନିରୀହ ପଥଚାରୀ

ଜଟଣୀ,୧୮।୨ (ନି.ପ୍ର): ବ୍ୟବସାୟୀକ ସହର ଜଟଣୀ ଏବେ ନିଶାବେପାରୀଙ୍କ ଅକ୍ତିଆରରେ ରହିଛି । ସେଥି ମଧ୍ୟରୁ ବସ୍ତିର ପରିତ୍ୟକ୍ତ ଘର ପାଲଟିଛି ନିଶାବେପାରୀଙ୍କ ପେଣ୍ଠସ୍ଥଳୀ । ନିଶାଡିଙ୍କ ଲୁଟର ଶିକାର ହେଉଛନ୍ତି ନିରୀହ ପଥଚାରୀ ଏବଂ ବୁଲାବେପାରୀମାନେ । ପ୍ରଶାସନ ସବୁ ଜାଣି ନଜାଣିବାଭଳି ଅଭିନୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ପୁଲିସର ପିସିଆର ଭ୍ୟାନମଧ ବେଳେବେଳେ ନିଶାଡିମାନଙ୍କ ସହିତ ବାଟେଘାଟେ ଅଟକି ବାର୍ତାଳାପ କରୁଥିବା ଅଭିଯୋଗ ହୋଇଛି । ଜଟଣୀଥାନା ଅନ୍ତର୍ଗତ ବାଛରାପାଟଣାର ମଳାଖତା, ବାଛରାମୁଣ୍ଡିଆ, ଗଜପତିନଗର, ମୁଣ୍ଡିଆସାହି ପ୍ରଭୃତି ଅଂଚଳରେ ବ୍ରାଉନସୁଗର ବ୍ୟବସାୟ ବେଧଡକଭାବେ ଚାଲିଥିବା ଅଭିଯୋଗ ହେଉଛି । ତାଗିଦକଲେ ଜିବନରୁ ମାରିଦେବାକୁ ଧମକ ଦିଆଯାଉଥିବା କୁହାଯାଉଛି । ତେଣୁ ସ୍ଥାନୀୟଲୋକେ ଭୟଭିତ ହୋଇଛନ୍ତି । ଗତ ରବିବାର ଜଟଣୀବାଛରା ପାଟଣାସ୍ଥିତ ମଳାଖତା ଅଂଚଳକୁ ପଶ୍ଚିମବଙ୍ଗର ଜଣେ ବୁଲା ବ୍ୟବସାୟୀ ଫେରିକରିବାକୁ ଯାଇଥିବା ବେଳେ କେତେକ ନିଶାଡି ଯୁବକମାନେ ଯୋରଜବରଦସ୍ତ ତାଙ୍କ ପକେଟରୁ ୧୬୦୦ଟଙ୍କା ଛଡାଇନେଇଥିଲେ । ମାତ୍ର ନିରୁପାୟ ହୋଇ ବ୍ୟବସାୟୀଜଣଙ୍କ ବସି ଏକ ସ୍ଥାନରେ କାନ୍ଦିଥିଲେ । କେତେକ ବ୍ୟକ୍ତି ଏନେଇ ପିସିଆରଭ୍ୟାନକୁ ଜଣାଇଥିଲେ । ପିସିଆରଭ୍ୟାନ ଉକ୍ତ ବ୍ୟବସାୟୀଙ୍କ ସାଙ୍ଗରେ ଧରି ଅପରାଧୀଙ୍କୁ ଖୋଜିଥିଲେ ମଧ କୌଣସି ସୁଚନା ପାଇନଥିଲେ । ଅଂଚଳରେ ସ୍ଥାନୀୟଲୋକେ ପକେଟରେ ମୋବାଇଲ ଫୋନଧରି ବୁଲିବାକୁ ଭୟ କଲେଣି । ସେହିପରି ଗତଦୁଇଦିନ ପୁର୍ବେ ଗଜପତିନଗର ଅଂଚଳରେଥିବା ଏକ ପରିତ୍ୟକ୍ତ ଘରେ କେତେକ ଯୁବକ ବ୍ରାଉନସୁଗର ବ୍ୟବସାୟ କରିବା ସହିତ ସେବନ କରୁଥିବା ନେଇ ଜଟଣୀମାନବଧିକାର ସଂଗଠନର ସଭାପତି ବାସୁଦେବ ସେଠୀ ବାରଣ କରିଥିଲେ । ନିଶାଡିମାନେ ବାସୁଦେବଙ୍କ ସହିତ ତର୍କକରିବା ସହିତ ଜିବନରୁ ମାରିଦେବାକୁ ଧମକ ଦେଇଥିବା ବାସୁଦେବ ଜଟଣୀଥାନାରେ ଅଭିଯୋଗ କରିଛନ୍ତି । ସହରର ବ୍ରାଉନସୁଗର ବ୍ୟବସାୟ ଏକ ନିତିଦିନିଆ ବ୍ୟବସାୟରେ ପରିଣତ ହୋଇଗଲାଣି ।

# କୋଟିଆରେ ଆନ୍ଧ୍ରର ନିର୍ବାଚନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

## ରାଜନୈତିକ ବାଦବିବାଦ ଭୁଲି ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଦେଲେ ପ୍ରସ୍ତାବ


ଭୁବନେଶ୍ୱର,୧୮।୨ (ନି.ପ୍ର): ଓଡିଶାର ସୀମାବର୍ତୀ ଅଂଚଳରେ ଆନ୍ଧ୍ରପ୍ରଦେଶର ନିର୍ବାଚନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳନେତା ପ୍ରଦୀପ୍ତ ନାଏକ । ଚିଠିରେ ବିରୋଧୀ ଦଳ ନେତା ସୀମାବର୍ତୀ ଗ୍ରାମ ଗୁଡିକର ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିବା ସହ ସରକାରଙ୍କୁ କିଛି ପ୍ରସ୍ତାବ ଦେଇଛନ୍ତି । ପ୍ରସ୍ତାବନାକୁ ଅତ୍ୟନ୍ତ ଗୁରୁତର ସହିତ ନେଇ ରାଜନୈତିକ ବାଦବିବାଦକୁ ପଛରେ ପକାଇ ଓଡିଆ ଜାତିର ଭାବାବେଗକୁ ସର୍ବାଗ୍ରେ ରଖିବାକୁ ସେ ଅନୁରୋଧ କରିଛନ୍ତି । ଏହାସହ ନିକଟରେ ସେ ଓ ବିଜେପିର ଏକ ପ୍ରତିନିଧି ଦଳ ଓଡିଶାର ସୀମାବର୍ତୀ ଅଂଚଳ ଗସ୍ତ କରି ସ୍ଥାନୀୟ ସମସ୍ୟା, ସେମାନେ କାହିଁକି ଆନ୍ଧ୍ରରେ ସାମିଲ ହେବାକୁ ଚାହୁଁଛନ୍ତି ତାହା ଉପରେ ଅନୁସନ୍ଧାନ କରିଥିବା ଜଣାଇଛନ୍ତି । ସୀମାବର୍ତୀ ଅଂଚଳରେ କିପରି ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପିଇବା ପାଣି ବିଜୁଳି, ପକ୍କାଘର ଯୋଗାଇ ଦିଆଯିବ ତାହା ପାଇଁ ବିଶେଷ ଧ୍ୟାନ ଦିଅନ୍ତୁ । ଏସବୁର ତ୍ୱରାନ୍ୱିତ କରିବା ପାଇଁ ଯୋଜନା ଓ ସମନ୍ୱୟ ବିଭାଗକୁ ବିଶେଷ ଦାୟୀତ୍ୱ ଓ ଉତରଦାୟୀତ୍ୱ ଦିଆଯାଉ । କୋଟିଆ କ୍ଲଷ୍ଟର ଡେଭେଲପମେଂଟ ଅଥରିଟି ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେଉ ବୋଲି ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ସେହିପରି ସରକାର ତୁରନ୍ତ କୋଟିଆରୁ ପାଟୁସେନେରୀ, ଫଗୁଣ ସେନେରୀ, ରାଣାସିଂ, ଗଂଜେଇ ପଦର ଆଦି ଗାଁ ଗୁଡିକୁ ମିନି ବସ ବା କ୍ୟାଂଟର ସେବା ଯୋଗାଇ ଦିଅନ୍ତୁ । ଦୂର ଗାଁରେ ରହୁଥିବା ଲୋକମାନଙ୍କର ପଚାଂୟତ ଅଫିସ ଆସିବା, ପଚାଂୟତ ମାଧ୍ୟମରେ ଯୋଜନା ସେମାନଙ୍କ ପାଖରେ ପହଂଚିବାରେ ବାଧକ ସୃଷ୍ଟି ହେଉଛି । ୨୮ଟି ରାଜସ୍ୱ ଗ୍ରାମ, ୧୨ଟି ପଡା, ଏପରି ସର୍ବମୋଟ ୪୦ଟି ଜନପଦକୁ ଅତିକମରେ ୪ଟି ପଂଚାୟତରେ ଭାଗ କରାଯାଉ । ଆନ୍ଧ୍ର ସହିତ ସୀମା ବିବାଦ ହୋଇଥିବା ଗଂଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରିର ସୀମାବର୍ତୀ ଅଂଚଳରେ ଥିବା ସ୍କୁଲମାନଙ୍କରେ ଶୀକ୍ଷକ ପଦବୀ ତୁରନ୍ତ ପୁରଣ କରାଯାଉ । ଚେଷ୍ଟା କରାଯାଉ କିପରି ସେହି ଅଂଚଳର ସ୍ଥାନୀୟ ଯୁବକ ଯୁବତୀମାନେ ସେହି ସ୍କୁଲରେ ନିଯୁକ୍ତି ପାଇପାରିବେ । ତେଣୁ ଗଂଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରିର ଜିଲ୍ଲାପାଳ, ଓ ପୋଲିସ ଏସପି ପଦରେ କେବଳ ଓଡିଆ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ । ପ୍ରାଥମିକତା ଦୃଷ୍ଟିରୁ ଉପରୋକ୍ତ ଜିଲ୍ଲାମାନଙ୍କର ସୀମାବର୍ତୀ ଅଂଚଳରେ ଯେଉଁ ଯେଉଁ ମାନେ ଦୁଇଟା ଭୋଟର କାର୍ଡ ରଖିଛନ୍ତି ସେମାନେ କିପରି ଆନ୍ଧ୍ରର ଭୋଟର କାର୍ଡ ଫେରାଇବେ ତାହାର ରଣନୀତି ସରକାର କରନ୍ତୁ । ଲୋକଙ୍କୁ ବୁଝାଇବାରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ସାମିଲ କରାଯାଉ । ଏହାବ୍ୟତୀତ ଆମ ରାଜ୍ୟ ଭିତରେ ଥିବା ଆନ୍ତଃ ଜିଲ୍ଲା ସୀମା ବିବାଦକୁ ତୁରନ୍ତ ସମାଧାନ କରାଯାଉ ।ସୀମାବର୍ତୀ ସମସ୍ତ ଅଂଚଳ ଗୁଡିକ ଆଦିବାସୀ ବହୁଳ ଅଂଚଳ ହୋଇଥିବା କାରଣରୁ ସେମାନଙ୍କର ସଂସ୍କୃତିର କିପରି ସୁରକ୍ଷା ହୋଇପାରିବ ସେଥିପାଇଁ ସରକାର ବିଶେଷ ଯୋଜନା କରନ୍ତୁ । ସରକାର ସୁପ୍ରିମକୋର୍ଟରେ ମାମଲାର ରାୟ ଆସିବାକୁ ଅପେକ୍ଷା ନକରି ବିକାଶ କାମକୁ ଆଗେଇ ନିଅନ୍ତୁ, ତାହେଲେ ଯାଇ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀ ନାଏକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶୁକ୍ରବାର, ୧୯ ଫେବୃଆରୀ ୨୦୨୧

# ସତରେ କଣ ପୃଥିବୀ ପୃଷ୍ଠକୁ ଆସିଛନ୍ତି ଏଲିଏନ ?

ପୃଥିବୀ ପୃଷ୍ଠରେ ପୁଣି ଥରେ ଦେଖାଦେଲେ ଏଲିଏନ ? କେଉଁଠି ଓ କେତେବେଳେ ଓ କିଏ ଦେଖିଲା ଏଲିଏନ ? ଏଲିଏନ କଥା କହିଲେ ଅନେକ ଲୋକେ ଆଗ୍ରହର ସହ ଶୁଣନ୍ତି ଆଉ ତାହା ସମ୍ପର୍କରେ ଜାଣିବାକୁ ବି ଚେଷ୍ଟା କରନ୍ତି । ଆପଣ ବଲିଉଡ ଫିଲ୍ମରେ ନିଶ୍ଚିତ ଭାବରେ ଦେଖିଥିବେ କୋଇମିଲଗେୟା ଫିଲ୍ମ । ଆଉ ସେଥିରେ କେମିତି ପୃଥିବୀ ପୃଷ୍ଠକୁ ଏଲିଏନ ଆସୁଥିଲେ ? କିଏ ସେମାନଙ୍କୁ ଏଠାକୁ ଡାକୁଥିଲା ଆଦି ଅନେକ କଥା.... କିନ୍ତୁ ଏବେ ରିଲରେ ନୁହେଁ ବରଂ ରିଏଲରେ ଦେଖା ଦେଇଛନ୍ତି ଏଲିଏନ । ଥରେ ଚିନ୍ତା କରନ୍ତୁ ହଠାତ୍ ଯେତେବେଳେ ମଝି ଆକାଶରେ ନଜର ଆସିଯିବ ଏଲିଏନ୍ ! କଣ କରିବେ ଆପଣ ? ଡ଼ରିବେ ନା ଆଶ୍ଚର୍ଯ୍ୟ ହେବେ ! ଏମିତି ଅନେକ ପ୍ରଶ୍ନ ଆପଣଙ୍କ ମନରେ ଉଙ୍କି ମାରୁଥିବ । କିନ୍ତୁ ଜାତୀୟ ଗଣମଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ଉଡ଼ାଣ ଭରିବା ପରେ ଗନ୍ତବ୍ୟସ୍ଥଳକୁ ବିମାନକୁ ଆଗେଇ ନେଇ ଚାଲିଥିଲେ ପାଇଲଟ । ଆଉ ହଠାତ ବିମାନ ଆଗରେ ଚମକୁ ଥିବା ଅଜଣା ଜିନିଷ ଉପରେ ପାଇଲଟଙ୍କ ନଜର ପଡ଼ିଥିଲା । ପାଇଲଟ ଏହା କ'ଣ ବୋଲି ଜାଣିବାକୁ ଚାହିଁଥିଲେ ମଧ ଜାଣି ପାରି ନଥିଲେ କିନ୍ତୁ ସେ ସମୟର ଭିଡ଼ିଓ ସେ ରେକର୍ଡ କରିନେଇଥିଲେ । ତାହା ପରେ ପାଇଲଟ ଯେଉଁ ଭିଡ଼ିଓ ରେକର୍ଡ କରିଥିଲେ





ତାହା ସୋସିଆଲ ମଡ଼ିଆରେ ତୀବ୍ର ଗତିରେ ଭାଇରାଲ ହେବାରେ ଲାଗିଛି । ପାକିସ୍ତାନର ଜିଓ ନିଉଜ ଚ୍ୟାନେଲ ଏହି ଖବର ପ୍ରସାରଣ କରିବା ପରେ ସୋସିଆଲ ମିଡିଆରେ ଏ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି । ଭାଇରାଲ ହେଉଥିବା ଭିଡିଓକୁ ଦେଖିବା ପରେ କିଏ ଏହାକୁ ଏଲିଏନ ବୋଲି କହୁଛି ତ କିଏ ଏହାକୁ ରାଫେଲ ବିମାନ ବୋଲି କହୁଛି । କିନ୍ତୁ କରାଚୀରୁ ଲାହୋର ଯାଉଥିବା ବିମାନର ପାଇଲଟ ପାକିସ୍ତାନର ପଞ୍ଜାବ ପ୍ରଦେଶର ରହିମ ୟାର ଖାନ ନିକଟରେ ଏହି ଚମକୁଥିବା ଜିନିଷ ଦେଖିଥିଲେ । ଏହା ଏଲିଏନ ନା ଆଉ କଣ ତାହା ଜାଣିପାରି ନଥିଲେ । ତେବେ ଭାରତକୁ ଫ୍ରାନ୍ସରୁ ୩ଟି ରାଫେଲ ବିମାନ ଆସିଥିବା ବେଳେ ପାଇଲଟଜଣକ ରାଫେଲ ଦେଖିଥିବେ ବୋଲି ସୋସଆଲ ମିଡିଆରେ କିଛି ଲୋକ ମତ ରଖିଛନ୍ତି । ଟ୍ୱିଟରେ ମଧ ଏହି ଭିଡ଼ିଓ ଜୋରଦାର ଭାଇରାଲ ହେଉଛି । ଅଳ୍ପ ସମୟ ମଧରେ ଏହି ଭିଡ଼ିଓଟି ବହୁ ସଂଖ୍ୟାରେ ଭାଇରାଲ ହୋଇଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହା ପ୍ରକୃତରେ କଣ ତାହା ଜଣାପଡିନାହିଁ । ପ୍ରକୃତରେ ପାଇଲଟ କଣ ଦେଖିଥିଲେ ତାହା ଜାଣିବା ଲାଗି ତଦନ୍ତ କରାଯାଉଥିବା ସୂଚନା ରହିଛି ।

# ବିଶ୍ୱର ସବୁଠାରୁ ଆକର୍ଷକ ପିଙ୍କ ହ୍ରଦ

ସମୁଦ୍ର ହେଉ କିମ୍ବା ବିଶାଳ ନଦୀ କିମ୍ବା ଉଚ୍ଚ ଝରଣା, ସବୁବେଳେ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିଥାଏ । କେତେବେଳେ ଲୋକ ନୀଳ ରଙ୍ଗର ସମୁଦ୍ର ଉପରେ ସର୍ଫିଙ୍ଗ କରିବାକୁ ଯାଉଛନ୍ତି ତ କେବେ ବହୁତ ଉଚ୍ଚାରୁ ପଡୁଥିବା ଝରଣାର କଳକଳ ଶବ୍ଦ ଶୁଣି ଏହାର ଆନନ୍ଦ ନେଇଥାନ୍ତି । କିନ୍ତୁ ସବୁଠାରୁ ପାଣିର ରଙ୍ଗ ସମାନ ଥାଏ । ଯଦି ପାଣିର ରଙ୍ଗ ଭିନ୍ନ ହୋଇଥାଏ, ତେବେ ବିଶ୍ୱର ସବୁ ପର୍ଯ୍ୟଟକଙ୍କ ପାଇଁ ତାହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯିବ । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ଥିବା ଓ୍ୱେଷ୍ଟଗେଟ୍ ପାର୍କରେ ରହିଛି ହିଲର ହ୍ରଦ, ଯାହାକି ପିଙ୍କ ଲେକ୍ କିମ୍ବା ସାଲାଇନ୍ ଲେକ୍ ଭାବରେ ସାରା ବିଶ୍ୱରେ ପ୍ରସିଦ୍ଧ ରହିଛି । ଏହି ହ୍ରଦର ପାଣି ଗୋଲାପୀ ରଙ୍ଗ ହେବା କାରଣରୁ ସାରା ବିଶ୍ୱର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ





କରିପାରିଛି । ବହୁ ଦୂରରୁ ଲୋକେ ଏହି ହ୍ରଦକୁ ଦେଖିବାକୁ ଆସିବା ସହ ବୋଟିଂ କରିବାକୁ ଆସିଥାନ୍ତି । ଏହି ହ୍ରଦର କ୍ଷେତ୍ରଫଳ ମାତ୍ର ୬୦୦ ବର୍ଗ ମିଟର, ତେଣୁ ବିଶ୍ୱର ସବୁଠାରୁ ଛୋଟ ଓ ସୁନ୍ଦର ହ୍ରଦ ମଧରେ ଏହା ସାମିଲ ରହିଛି । ପିଙ୍କ ଲେକ୍, ମେଲବୋର୍ଣ୍ଣର ଔଦୋଗିକ ଅଞ୍ଚଳରେ ରହିଛି । ତେଣୁ ଲୋକଙ୍କୁ ଲାଗୁଥିଲା ପାଣି ହୁଏତ ପ୍ରଦୂଷିତ ହୋଇ ଗୋଲାପୀ ରଙ୍ଗ ହୋଇଥାଇପାରେ । ବହୁ ସମୟ ପର୍ଯ୍ୟନ୍ତ ଏହି ହ୍ରଦର ପାଣିକୁ ବିପଦଜନକ ବୋଲି ମନେକରୁଥିଲେ । କିନ୍ତୁ ପରେ ବୈଜ୍ଞାନିକମାନେ ଯେତେବେଳେ ହ୍ରଦର ପାଣି ରଙ୍ଗ ଗୋଲାପୀ ହେବାର କାରଣ ବାହାର କରିଥିଲେ ଏହା ବିଶ୍ୱର ସବୁଠରାରୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଭାବରେ ସ୍ଥାନ ପାଇଲା । ଏହି ହ୍ରଦର ପାଣିରେ ବହୁମାତ୍ରରେ ଲୁଣ, ଏଲଗି ବ୍ୟାକ୍ଟେରିଆ ରହିଛି । ଏଥିରେ ଲୁଣର ମାତ୍ରା ଯେତେବେଳେ ବହୁତ ବଢିଯାଏ ସେତେବେଳେ ଏହାର ପାଣି ଗୋଲାପୀ ହୋଇଯାଏ । ରଙ୍ଗ ବଦଳିବା ପାଇଁ ୩ଟି ଆହୁରି ମୁଖ୍ୟ କାରଣ ରହିଛି । ତାହା ହେଲା ଅଧିକ ତାପମାତ୍ରା, ତୀବ୍ର ସୂର୍ଯ୍ୟ କିରଣ ଓ ହ୍ରଦ ଭିତରେ ଜମା ହେଉଥିବା ବର୍ଷା ପାଣି । ବିଶେଷଜ୍ଞଙ୍କ କହିବା ଅନୁସାରେ ଏଲଗି ଓ ବ୍ୟାକ୍ଟେରିଆ ହେବା କାରଣରୁ ଏହି ହ୍ରଦର ପାଣି ମଣିଷ ଓ ପଶୁଙ୍କ ପାଇଁ କ୍ଷତିକାରକ ନୁହେଁ । ଅଷ୍ଟ୍ରେଲିଆରେ ଏଭଳି ଭାବରେ ବହୁ ପିଙ୍କ ହ୍ରଦ ରହିଛି ।

# ସକାଳୁ ଖାଲି ପେଟରେ ପିଅନ୍ତୁ ଏହି ପାଣି: ତୁରନ୍ତ କମିବ ଓଜନ

କ'ଣ ଆପଣ ବି ଓଜନର ବୃଦ୍ଧି ଲାଗି ଚିନ୍ତିତ ଅଛନ୍ତି ? ଯେଉଁ କାରଣକୁ ନେଇ ଆପଣ ଜିମ୍ ଯିବା ସାଂଗକୁ ଆପଣଙ୍କ ଖାଦ୍ୟପେୟକୁ ବି କମ୍ କରୁଛନ୍ତି ! ତେବେ ଏଣିକି ଆଉ ଆପଣଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟତା ନାହିଁ । କାରଣ ଆଜି ଆମେ ଆପଣଙ୍କୁ ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଏପରି ଏକ ଉପାୟ ବିଷୟରେ ଜଣାଇବୁ, ଯାହାକି ଅତି ସହଜରେ ଆପଣଙ୍କର ରୋଷେଇ ଘରେ ହିଁ ଉପଲବ୍ଧ ଅଟେ । ଏହା ହେଉଛି ଧନିଆ । ପ୍ରତ୍ୟେକ ଭାରତୀୟଙ୍କ ରୋଷେଇ ଘରେ ବ୍ୟବହାର ହେଉଥିବା ପାଞ୍ଚଟି ମୁଖ୍ୟ ମସଲା ମଧରୁ ଏହା ଗୋଟିଏ । ହେଲେ ଆପଣଙ୍କୁ ଏହା ଜାଣିଲାପରେ ନିହାତି ଆଶ୍ଚର୍ଯ୍ୟ ଲାଗିପାରେ ଯେ ଯଦି ଆପଣ କଞ୍ଚା ଧନିଆକୁ ରାତିରେ ପାଣିରେ ଭିଜାଇ ରଖି ସକାଳେ ଫୁଟାଇକି ତାହାର ପାଣିକୁ ଖାଲିପେଟରେ ସେବନ କରନ୍ତି, ତେବେ ତାହା ଆପଣଙ୍କ ବଢୁଥିବା ଓଜନକୁ ନିୟନ୍ତ୍ରଣ କରିଥାଏ । ସାଧାରଣତଃ ଧନିଆରେ ରହିଥିବା ପୋଷକ ତତ୍ତ୍ୱ ବ୍ୟକ୍ତିର ସ୍ୱାସ୍ଥ୍ୟ ଲାଗି ବହୁତ ହିଁ ଲାଭପ୍ରଦ ହୋଇଥାଏ । ଏଥିସହିତ ଧନିଆରେ ସାଧାରଣତଃ ମିନେରାଲ୍ସ , ଭିଟାମିନ୍ ଭଳି ପଟାସିଅମ୍, ଆଇରନ୍, ମାଙ୍ଗାନିଜ୍, କ୍ୟାଲ୍ସିଅମ୍, ଫଲିକ୍ ଏସିଡ୍,ଭିଟାମିନ୍ ଏ, କେ ଏବଂ ସି ମଧ ଭରପୂର ମାତ୍ରାରେ ଥାଏ । ଯାହାକି ବ୍ୟକ୍ତିଠାରେ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବାରେ ମଧ ସହାୟକ ହୁଏ ।



# ଆଧୁନିକ ପରିଧାନରେ ସମ୍ବଲପୁରୀ ପୋଷାକର ଚାହିଦା

ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉତ୍କର୍ଷତା ପାଇଁ ହିଁ ଓଡ଼ିଶାର ଅନ୍ୟ ନାମ ଉତ୍କଳ । ଯଦି ହସ୍ତଶିଳ୍ପ କଳାର ଆଲୋଚନା କରାଯାଏ ତେବେ ଓଡିଶାର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପ୍ରକାରର ବୟନଶିଳ୍ପ ଦେଖିବାକୁ ମିଳେ । କିଛି ଉଲ୍ଲେଖଯୋଗ୍ୟ ବୟନଶିଳ୍ପ ମଧରେ ସମ୍ବଲପୁରୀ, ସୋନପୁରୀ ପାଟ, ବ୍ରହ୍ମପୁରୀ ପାଟ ଯୋଡ, ଖୋର୍ଦ୍ଧା ଲୁଙ୍ଗି ଗାମୁଛା, ହବସପୁରୀ, ବୋମକାଇ, ଖଣ୍ଡୁଆ, ମାଣିଆବନ୍ଧ,ଖଦି ପୋଷାକ, ଉତ୍ତର ଓଡ଼ିଶାର ଟସର ଲୁଗା, ଧଳାପଥର ପରଦା ଇତ୍ୟାଦି ରହିଛି । ଏଥିମଧରୁ ସମ୍ବଲପୁରୀ ବୟନ ଶିଳ୍ପ କେବଳ ଓଡ଼ିଶା ନୁହେଁ ବିଦେଶରେ ମଧ ବେଶ୍ ଆଦୃତ । ଏବେ ଆଧୁନିକ ପରିଧାନରେ ସମ୍ବଲପୁରୀର ନୂତନୀକରଣ ଏହାର ଚାହିଦାକୁ ବହୁଗୁଣିତ କରିପାରିଛି । କେବଳ ମହିଳାଙ୍କ ପାଇଁ ନୁହେଁ ଏବେ ସମ୍ବଲପୁରୀର ଅନେକ ଡିଜାଇନ୍‌ର ପୋଷାକ ପୁରୁଷ ତଥା ପିଲାମାନଙ୍କ ପାଇଁ ମଧ ବଜାରରେ ଉପଲବ୍ଧ ହେଉଛି ।

**ସମ୍ବଲପୁରୀରେ ମହିଳାଙ୍କ ପାଇଁ ଆଧୁନିକ ପରିଧାନ :**

ନୂତନ ଧରଣର ପରିଧାନ ପିନ୍ଧିବାକୁ ପ୍ରାୟତଃ ମହିଳାମାନେ ବେଶ୍ ଉତ୍ସାହିତ ଥାଆନ୍ତି । ଏହା କେବଳ ବ୍ୟକ୍ତିତ୍ୱକୁ ବିକଶିତ କରେ ତାହା ନୁହେଁ, ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଆଜିକାଲିର ଫେସନରେ କେବଳ ସମ୍ବଲପୁରୀ ଶାଢୀ ନୁହେଁ, ଅନ୍ୟ ତନ୍ତୁଜାତୀୟ ଶାଢୀରେ ସମ୍ବଲପୁରୀ ଧଡି, କାନି ଏମିତି କିଛି ମିଶ୍ରଣ କରାଯାଇ ଫ୍ୟୁଜନ୍ ଟେକ୍ନୋଲୋଜି କରାଯାଉଛି । ଏତଦ୍ ବ୍ୟତୀତ ସ୍କର୍ଟ, ଗାଉନ୍,କୁର୍ତ୍ତି, ଓଢଣୀରେ ମଧ ସମ୍ବଲପୁରୀର କିଛି କପଡା ସହ ଅନ୍ୟ କପଡା ଯୋଡି ଏକ ଭିନ୍ନ କଳେବର ଦିଆଯାଉଛି । ପ୍ରତ୍ୟେକ ବର୍ଗର ମହିଳାଙ୍କ ପାଇଁ ଏହା ବେଶ ଆକର୍ଷଣୀୟ ଲାଗୁଛି । ଏହାର ଆଦୃତି ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କର୍ମଜୀବୀ ମହିଳାଙ୍କଠାରୁ ଆରମ୍ଭ କରି ଗୃହିଣୀ ତଥା କଲେଜ ପଢୁଆ ଝିଅମାନେ ମଧ ଏହାକୁ ପସନ୍ଦ କରୁଛନ୍ତି ।





ଯଦିଓ ପୁରୁଷଙ୍କ କ୍ଷେତ୍ରରେ ଏମିତି କିଛି ଆଖିଦୃଶିଆ ପରିଧାନ ପ୍ରାୟତଃ ବଜାରରେ ଦେଖିବାକୁ ମିଳେ ନାହିଁ, ତଥାପି ସେହି ପାରମ୍ପରିକ ସାର୍ଟ, ଢିଲା ପଞ୍ଜାବୀ, କୁର୍ତ୍ତା, ଓ୍ୱେଷ୍ଟ କୋଟ୍, ଜ୍ୟାକେଟ୍ ଏସବୁରେ ସମ୍ବଲପୁରୀର ଛାପ ଦେଖିବାକୁ ମିଳିଥାଏ । ସମ୍ବଲପୁରୀର ସ୍ୱର୍ଶ ଅନେକ ମାତ୍ରାରେ ପରିଧାନର ଭାବମୂର୍ତ୍ତିକୁ ଆକର୍ଷଣୀୟ କରିଦିଏ । ରାଜନେତାଙ୍କଠାରୁ ଆରମ୍ଭ କରି ଅଭିନେତା, ଶିକ୍ଷକ, ପ୍ରଶାସକ, ସାମ୍ବାଦିକ,ବ୍ୟବସାୟୀ ସବୁ ବର୍ଗର ପୁରୁଷମାନେ ଏହି ପୋଷାକକୁ ପସନ୍ଦ କରୁଛନ୍ତି । ଏବେ କରୋନା ସମୟରେ ସମ୍ବଲପୁରୀ ମାସ୍କ (ମୁଖା)ର ଚାହିଦା ବେଶ୍ ବଢିଛି । ସୂତାଲୁଗାର ଏହି ମାସ୍କକୁ ଅନେକ ସମୟ ଧରି ପିନ୍ଧିଲେ ମଧ ଅଣନିଶ୍ୱାସୀ ଲାଗେ ନାହିଁ । ତେଣୁ କର୍ମଜୀବୀଙ୍କ ମଧରେ ଏହାର ଆଦୃତି ବଢିଛି । ପୁରୁଣା ସମ୍ବଲପୁରୀ କପଡାକୁ ଭଲ ଭାବରେ ସଫା କରି ବ୍ୟକ୍ତିଗତ ବ୍ୟବହାର ପାଇଁ ମାସ୍କ ତିଆରି କରାଯାଇପାରେ । ତେଣୁ ଏବେ ଏହି ବିଶ୍ୱ ମହାମାରୀ ସମୟରେ ସମ୍ବଲପୁରୀ ମାସ୍କ ଘରେ ଘରେ ନିଜ ଛାପ ଛାଡି ପାରିଛି । ବର୍ତ୍ତମାନର ଫେସନ୍ ଦୁନିଆରେ ଅଧିକ ଚାହିଦା ରଖିଥିବା ଡିଜାଇନ ଭିତରେ ପଶାପାଲି, ବିଚିତ୍ରାପଲ୍ଲୀ, ଆଇକଟ୍, ଆଲପନା,କୁମ୍ଭ ଓ ବାନ୍ଧକାମ ଅନ୍ୟତମ । ଏହା ପୋଷାକକୁ ଏକ ସ୍ୱତନ୍ତ୍ର ପରିପାଟୀ ଦେଇଥାଏ । ଏହାକୁ ନେଇ ଫ୍ୟୁଜନ୍ ଟେକ୍ନୋଲୋଜି ସହିତ ଅନେକ ରକମର ପରିଧାନ ତିଆରି କରାଯାଇ ପାରୁଛି । ସୂତା ଲୁଗା ସହ ପାଟ ବସ୍ତ୍ରର ଏହିସବୁ ଡିଜାଇନ ସବୁ ସମୟ ଓ ସୁଯୋଗ ପାଇଁ ଆକର୍ଷଣୀୟ ଲାଗୁଛି । ଏହାର ଆଦୃତି ଦେଶ ବାହାରେ ମଧ ବଢୁଛି ।

# ବିଶ୍ୱର ସବୁଠାରୁ ଅପରିଷ୍କାର ବ୍ୟକ୍ତି: ଯିଏ ୬୭ ବର୍ଷ ହେଲା ଗାଧୋଇ ନାହାନ୍ତି

ଶୀତ ଦିନେ ଗାଧୋଇବା ବେଶ କଷ୍ଟକର । ହେଲେ ଆପଣ କେତେ ଦିନ ନ ଗାଧୋଇ ରହିପାରିବେ ? ଜଣେ ବ୍ୟକ୍ତି ଗୋଟିଏ ଦିନ କିମ୍ବା ଦୁଇ ଦିନ ନ ଗାଧୋଇ ରହି ଯାଇ ପାରନ୍ତି ? ହେଲେ ଆଜି ଆମେ ବିଶ୍ୱର ଏମିତି ଜଣେ ବ୍ୟକ୍ତିଙ୍କ କଥା କହିବୁ ଯିଏ ପ୍ରାୟ ୭ ଦଶନ୍ଧି ଧରି ନ ଗାଧୋଇ ବଞ୍ଚି ରହିଛନ୍ତି । ତାଙ୍କୁ ବିଶ୍ୱର ସବୁଠାରୁ ଅପରିଷ୍କାର ବ୍ୟକ୍ତି ଭାବେ ମଧ ଗଣାଯାଉଛି ।

ଆପଣ ଏକଥା ଶୁଣି ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହେଉଥିବେ । କ'ଣ ସତରେ ଏମିତି ଘଟଣା ଘଟିଛି ? ତେବେ ଇରାନର ଅମୋ ହାଜି ନାମକ ୮୭ ବର୍ଷୀୟ ବ୍ୟକ୍ତି ଦୀର୍ଘ ୬୭ ବର୍ଷ ହେଲା ଆଦୌ ଗାଧୋଇ ନାହାନ୍ତି । ସେ ଇରାନ୍‌ର କେରମାନଶାହ ପ୍ରଦେଶର ଦେଜଘାରେ ରହୁଛନ୍ତି ।





ସେ ଦୀର୍ଘ ୬୭ ବର୍ଷ ହେଲା ଗାଧୋଇ ନଥିବାରୁ ଅତ୍ୟନ୍ତ ଭୟଙ୍କର ଦିଶୁଛନ୍ତି । ମୁହଁରେ ମାଟିର ଦାଗ ପଡ଼ିଥିବା ବେଳେ ମେଞ୍ଚାମେଞ୍ଚା ଦାଢ଼ି ରହିଛି । ସେହିପରି ସେ ସର୍ବଦା ଏକ ବିରାଟ ସିଗାର ମଧ ଟାଣୁଛନ୍ତି । ପାଣିକୁ ତାଙ୍କର ବହୁତ ଡର । ଏଥିପାଇଁ ସେ ଦୀର୍ଘ ୬୭ ବର୍ଷ ହେଲା ଗାଧୋଇ ନାହାନ୍ତି । ତାଙ୍କର ଧାରଣା ଅଛି ଯେ ସେ ଯଦି ଗାଧୋଇବେ, ତା'ହେଲେ ଅସୁସ୍ଥ ହୋଇ ପଡ଼ିବେ । ଏହି କାରଣରୁ ସେ ପାଣି ଠାରୁ ଯଥା ସମ୍ଭବ ଦୂରେଇ ରୁହନ୍ତି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ନିଜକୁ ଫିଟ ରଖିବା ପାଇଁ ମୃତ ପଶୁପକ୍ଷୀଙ୍କ ପୋଚାସଡ଼ା ମାଂସ ଖାଇଥାଆନ୍ତି । ସାହୀ ପଶୁର ମାଂସ ତାଙ୍କୁ ସବୁଠାରୁ ଅଧିକ ପସନ୍ଦ । ସେ ତାଙ୍କ ଯୁବାବସ୍ଥାରେ ଅନେକ ପ୍ରକାରର ଧୋକା ପାଇଥିଲେ ।

ଏଥିପାଇଁ ସେ ସର୍ବଦା ଏକାକୀ ରହିବାକୁ ଭଲ ପାଆନ୍ତି ବୋଲି ଜଣାପଡ଼ିଛି । ହାଜି ସବୁବେଳେ ଅପରିଷ୍କାର ସ୍ଥାନରେ ରହିବାକୁ ଚାହାନ୍ତି । ଏଥିପାଇଁ ସେ ଜାଣିଶୁଣି ପଚରା ଓ ଅଳିଆ ଗଦାରେ ଶୋଇ ଥାଆନ୍ତି । ତାଙ୍କୁ ଦେଖିଲେ ଆପଣ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇଯିବେ ।

# ବିଶ୍ୱର ସବୁଠାରୁ ଧନୀ ବିଲେଇ ଚୌପେଟ୍



ଅନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର କାର୍ଲ ଲଜେରଫେଲ୍ଡଙ୍କର ପ୍ୟାରିସରେ ୮୫ ବର୍ଷରେ ଦୁଇ ଦିନ ପୂର୍ବରୁ ପରଲୋକ ହୋଇସାରିଛି । କୁହାଯାଉଛି ଯେ ସେ ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ରୋଗରେ ପୀଡିତ ଥିଲେ । ତାଙ୍କୁ ଚିକିତ୍ସା ପାଇଁ ପ୍ୟାରିସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ମୃତ୍ୟୁକୁ ନେଇ ହଲିଉଡରୁ ନେଇ ଅନ୍ତଃର୍ଜାତୀୟ ଫ୍ୟାଶନ୍ ଜଗତରେ ଶୋକର ଲହରୀ ଖେଳି ଯାଇଛି । ଅନ୍ୟପକ୍ଷେ ତାଙ୍କ ମୃତ୍ୟୁ ପରେ ତାଙ୍କର ପୋଷା ବିଲେଇ ଚୌପେଟି ବିଶ୍ୱର ସବୁଠାରୁ ଧନୀ ପଶୁଙ୍କ ମଧରେ ସ୍ଥାନ ପାଇଛି । କାର୍ଲଙ୍କ ମୃତ୍ୟୁ ପରେ ତାଙ୍କର ବିଲେଇ ୧୫୦ ମିଲିୟନ ପାଉଣ୍ଡ (ପ୍ରାୟ ୧୩୯୫ କୋଟି) ଟଙ୍କାର ମାଲିକାଣୀ ହୋଇଯାଇଛି । କାର୍ଲଙ୍କ ଏହି ବିଲେଇ ପୂର୍ବରୁ ହିଁ ଫ୍ୟାଶନ୍ ଜଗତର ସବୁଠାରୁ ନାମୀ ବିଲେଇ । କିଛି ସାକ୍ଷାତକାରରେ କାର୍ଲ ଉତ୍ତରାଧିକାରୀ ଭାବରେ ଏହି ବିଲେଇର ନାଁ ନେଇସାରିଛନ୍ତି । ନିଜର ଜିଦଖୋର ମିଜାଜ୍ ଓ ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ ରହୁଥିବା କାର୍ଲ ତାଙ୍କ ବିଲେଇକୁ କିନ୍ତୁ ଖୁବ୍ ଅଧିକ ଭଲ ପାଉଥିଲେ । ଏପରିକି ସେ ତାଙ୍କର ବିଲେଇକୁ ବିବାହ କରିବାକୁ ମଧ ଗୋଟେ ଥର ନିଜର ଇଚ୍ଛା ପ୍ରକାଶ କରିସାରିଛନ୍ତି । ତାଙ୍କର ଏହି ବିଲେଇ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଷ୍ଟାଟସ୍ ଅପଡେଟ୍ ମଧ କରିଥାଏ । ଟ୍ୱିଟରରେ ୨୭୦୦୦, ଫେସବୁକରେ ୧୨୭୬ ଓ ଇନଷ୍ଟାଗ୍ରାମରେ ୧୨୦୦୦୦ ଫଲୋଅର୍ସ ରହିଛନ୍ତି । ବିଲେଇର ପସନ୍ଦ –ନାପସନ୍ଦର ସମ୍ପୂର୍ଣ୍ଣ ଧ୍ୟାନ ରଖିବାକୁ କାର୍ଲ ତାଙ୍କର ଏହି ବିଲେଇ ପାଇଁ ଅନେକ କର୍ମଚାରୀ ମଧ ରଖିଥିଲେ । ସେ ତାଙ୍କ ବିଲେଇ ଦ୍ୱାରା ମଡେଲିଂ କରାଉଥିଲେ । ଏହି ବିଲେଇର ଜୀନଶୈଳୀ କୌଣସି ରାଜକୁମାରୀ ଠାରୁ କମ୍ ନଥିଲା । ବିଲେଇଟି ପାଇଁ ସ୍ୱତନ୍ତ୍ର ଡିନର ଟେବଲ, ଆଇପ୍ୟାଡ୍, ରହିଛି । କାର୍ଲ ଏହି ବିଲେଇ ନାଁରେ ଏକ ବହି ଲେଖିଛନ୍ତି । ତା ଛଡା ବହୁ ସୁପର ମଡେଲଙ୍କ ଠାରୁ ଅଭିନେତ୍ରୀଙ୍କ ସହ ବିଲେଇଟିର ଫଟୋ ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସ୍ୱାଭାବିକ ହେଉଛି...

ଦେଶ ତଥା ବିଶ୍ୱରେ କୋଭିଡ୍-୧୯ ସଂକ୍ରମଣ ପାଇଁ ଯେଉଁଭଳି ଅସ୍ୱାଭାବିକ ସ୍ଥିତି ଲାଗି ରହିଲା, ତାହାର ପ୍ରତିକୂଳ ପ୍ରଭାବ ପୂରା ମାତ୍ରାରେ ଲୋପ ପାଇନାହିଁ । ଯଦିଓ ବିଶ୍ୱ ଅର୍ଥନୀତି ଓ ସମାଜ ବ୍ୟବସ୍ଥାରେ ଏହାର ପ୍ରତିଧ୍ୱନି ଏବେ ବି ଶୁଣିବାକୁ ହେଉଛି, ସ୍ୱାଭାବିକ ପରିସ୍ଥିତି ଫେରିବାକୁ ହେଲେ ଆଉ କିଛି କାଳ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ବିଶ୍ୱ ଅର୍ଥନୀତିର ଚାବିକାଠି ଯୁକ୍ତରାଷ୍ଟ୍ର ପାଖରେ ଥାଏ । ଏହି ଧାରଣାକୁ ସମ୍ପୂର୍ଣ୍ଣ ନହେଲେ ସୁଦ୍ଧା ଦୋହଲାଇ ଦେଇଛି କରୋନା ସଂକ୍ରମଣ । ତାହାରି ଭିତରେ କିଭଳି ସ୍ଥିତିରେ ସୁଧାର ଅଣାଯାଇପାରିବ, ସେଥିନେଇ ନେତୃତ୍ୱ ଚିନ୍ତାରେ ଅଛନ୍ତି । ଆଶ୍ୱାସନାର ବିଷୟ, ଆମ ଜାତୀୟ ବଜେଟ୍ ଉପସ୍ଥାପନ କାଳରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୀଘ୍ର ସୁଧାଦର ପ୍ରକ୍ରିୟା ବେଗ ଧରିବ ବୋଲି କହିଛନ୍ତି । ଏବେ ଦେଖିବାକୁ ହେବ, କେବେ କେଉଁଭଳି ସୁଧାର ପ୍ରକ୍ରିୟା ହୋଇପାରିବ । ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକରେ ଏନ୍‌ପିଏ ପରିମାଣ ଏତେ ବେଶୀ ହୋଇସାରିଛି, ତାହା ଭରଣା କରିବାକୁ ହଜାର ହଜାର କୋଟି ପ୍ରଦାନ କରାଯାଉଥିଲେ ସୁଦ୍ଧା ଆଶା କରିହେଉନାହିଁ ଦେବାଳିଆ ଅବସ୍ଥାରୁ ଉଦ୍ଧାର କରି ହୋଇପାରିବ ବୋଲି । ଏହା ଗୋଦରା କୋଢ଼େ ଯେତେ ମାଡ଼େ ସେତେ ଭଳି ହେଉଛି । କିନ୍ତୁ ଏହା ଭିତରେ କ୍ଷତି ସହୁଥିବା କିମ୍ବା ସହଜ ସ୍ଥିତିରେ ନଥିବା କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଉପରେ କେନ୍ଦ୍ର ସରକାରଙ୍କ ନଜର ପଡ଼ିଛି । ଯଦି ପ୍ରକୃତରେ ପୁଂଜି ପ୍ରତ୍ୟାହାର ପ୍ରକ୍ରିୟାରୁ ଆଖିଦୃଶିଆ ସୁଫଳ ମିଳେ, ଭଲ କଥା । ନଚେତ୍ ପୁଂଜିପତ ଓ ବଡ଼ ଶିଳ୍ପପତିମାନଙ୍କୁ ତୋଷଣ ନୀତିରେ କର୍ତ୍ତୃପକ୍ଷ ବିଶ୍ୱାସ ରଖିଛନ୍ତି ବୋଲି ଉଠୁଥିବା ଅଭିଯୋଗକୁ ମାନିନେବାକୁ ପଡ଼ିବ । କୋଭିଡ ମହାମାରୀ ପାଇଁ ଦେଶବାସୀଙ୍କ ମୁଣ୍ଡ ଉପରେ ୪୦ ଲକ୍ଷ କୋଟିର ଋଣ ବୋଝ ପଡ଼ିଛି । ବ୍ୟାଙ୍କଗୁଡ଼ିକ ଖିଲାପୀ ଋଣ ଆଦାୟ କରିବା ଅବସ୍ଥାରେ ନଥିବାରୁ ଚିନ୍ତା ଭିତରେ ଅଛନ୍ତି । କୃଷିଜୀବୀ ଏବଂ ଅନ୍ୟ ମହଲ ତୈଳଦର ବୃଦ୍ଧି ପାଇଁ ସମ୍ମୁଖୀନ ହେଉଥିବା ହରକତ୍‌ର କିଭଳି ଅବସାନ ଘଟିବ, ତାହା କହି ହେଉନାହିଁ । କୋଭିଡ-ପର କାଳରେ ଅଧିକାଂଶ ସାମଗ୍ରୀର ଦରବୃଦ୍ଧି ଘଟିଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାଧାରଣ ଖାଉଟି ମହଙ୍ଗା ମାଡ଼ର ଶିକାର ହେଉଛି । ଅଭିବୃଦ୍ଧି ହାରରେ ଦେଖାଦେଇଥିବା ଅଧୋଗତି ସ୍ତରରୁ ଉଠାଇବାପାଇଁ ଯେତେଗୁଡ଼ିଏ ଉପଚାର କରାଯାଉଛି, ତାହାର ପ୍ରତିଫଳନ ଯେକୌଣସି ସ୍ତରରେ ଦେଖାଯାଉନାହିଁ, ସେମିତି କହିହେବନାହିଁ । ସାମଗ୍ରିକ ଭାବରେ ଅବସ୍ଥାର ଯଦି ପର୍ଯ୍ୟାଲୋଚନା କରାଯାଏ, ଅଭିବୃଦ୍ଧି ହାର ପ୍ରାୟ ୨୪% ତଳକୁ ଖସିଯିବ ବୋଲି ଘୁଣାକ୍ଷରେ କେହି ଭାବିନଥିଲେ । ମାତ୍ର ତାହା କରୋନା ସମେତ ବିଭିନ୍ନ କାରଣରୁ ହେଲା । ଏବେ ହଠାତ୍ ସେୟାର ବଜାରରେ ଆସିଯାଇଛି ବଡ଼ ଧରଣର ଉତ୍ଥାନ । ବଜାରରେ ୫୨ ହଜାର ପଏଂଟ ସେୟାର ଅଂଶଧନ ପହଂଚିଯିବ ବୋଲି କେହି ସୁଦ୍ଧା ଭାବିନଥିଲେ । ଏବେ କିଛି ଦିନ ଧରି ସେୟାର ବଜାରରେ ଆସିଥିବା ବୈପ୍ଲବିକ ପର୍ଯ୍ୟାୟ କେତେଦୂର ଦୀର୍ଘସ୍ଥାୟୀ ହେବ, କେହି କହିନପାରେ । ମାତ୍ର ବ୍ୟାଙ୍କିଙ୍ଗ ସେୟାରରେ ବଡ଼ ଧରଣର ବଢ଼ତ୍ ସୂଚାଉଛି କି, କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ଅର୍ଥନୀତିରେ ଉଲ୍ଲେଖନୀୟ ଉନ୍ନତି ହେବା ନେଇ ନିବେଶକମାନେ ଆଶାବାଦୀ । ଏଭଳି ଉତ୍‌ଥାନ ପୂର୍ବଦିନମାନଙ୍କରେ କେବେ ଦେଖାନଥିଲା । ସୁତରାଂ ମ୍ୟୁଚୁଆଲ ଫଣ୍ଡ ଏବଂ ଅନ୍ୟ ମାଧ୍ୟମରେ ପୁଂଜିନିବେଶ ପାଇଁ ସମ୍ପୃକ୍ତ ମହଲ ଆଗ୍ରହୀ ହେବେ । ଏହା ଉଭୟ ସ୍ୱଚ୍ଛଳ ଓ ମଧ୍ୟମବର୍ଗ ନିବେଶକାରୀମାନଙ୍କୁ ସୁହାଇବା ଆଶା କରାଯାଏ । ଉଭୟ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ଅର୍ଥନୀତିକୁ ଏହା ସହାୟକ ହେବବୋଲି ବିଶ୍ୱାସ କରିବାରେ ଅସୁବିଧା ନାହିଁ । କରୋନା ପରବର୍ତ୍ତୀ ସ୍ଥିତି ନେଇ କେତେକ ଆଶାଜନକ ସୂଚନା ମିଳୁଥିବା ଭିତରେ ଅର୍ଥନୀତି ପାଇଁ ମଧ୍ୟ ଶୁଭଙ୍କର ସ୍ଥିତି ଆସିଯାଉଛି ବୋଲି ବିଚାରିବା ସ୍ୱାଭାବିକ । କରୋନା ବିରୋଧୀ ଲଢ଼େଇରେ ଭାରତ ଯେଭଳି ଦୃଷ୍ଟାନ୍ତ ସୃଷ୍ଟି କଲା ତାହା ବିଶ୍ୱ ଦେଖିଲା । ଆମେରିକା, ବ୍ରିଟେନ୍ ସମେତ ବିଭିନ୍ନ ଦେଶରେ କରୋନା ସଂକ୍ରମଣ ଚରମ ବିନ୍ଦୁ ଛୁଇଁସାରିଲା ଭିତରେ ଭାରତ ତାହାର ସଂଗ୍ରାମ କ୍ରମାଗତ ଚାଲୁ ରଖିଥିବାରୁ ତାହାର ସୁଫଳ ଦେଶବାସୀ ପାଇଛନ୍ତି । ଶିଳ୍ପ, କାରଖାନା, ନିର୍ମାଣ ଉଦ୍ୟୋଗରେ ଦେଖାଦେଇଥିବା ମାନ୍ଦା ସ୍ଥିତି ପାଇଁ କର୍ମ ସଂକୋଚନ ଦେଖା ଦେଇଥିଲା । ଯଦି ସେୟାର ବଜାରରେ ଉଚ୍ଛୁଳା ସ୍ଥିତି ଲାଗିରହେ ତାହା ଜାତୀୟ ଅର୍ଥନୀତିକୁ ବଳ ଯୋଗାଇବ ବୋଲି ଆଶା କରାଯାଇପାରେ ।

## କବିତା କୋଣାର୍କ

### କୋଣାର୍କ-୦୨ ..

ଧ୍ରୁବ ଚରଣ ବେହେରା

କ-କମନୀୟ ତାକୁ ପରଖିଲେ ଲାଗେ
ଐଶ୍ୱର୍ଯ୍ୟର ଗନ୍ତାଘର
ହେ ଶିଳ୍ପୀ ତୁମ ଅନବଦ୍ୟ ସୃଷ୍ଟି
ଲାଗଇ ଅଲିଭା ଗାର ।

ଖ-ଖଣ୍ଡ କାରୁକାର୍ଯ୍ୟ ସଂମ୍ପୂର୍ଣ୍ଣତା ପ୍ରେମ
ନିହାଣ ମୁନରେ ଆଙ୍କି
ବିଶ୍ୱ ମାନଚିତ୍ରେ ଚିତ୍ରିତ କରିଲ
ଲାଗେ ମୋନାଲିସା ଛବି ।

ଗ-ଗନ୍ତବ୍ୟ ପଥର ପୁଣ୍ୟ ପାନ୍ଥଶାଳା
ମାନସ ପଟର ତୃପ୍ତି
ତୁମକୁ ଦେଖିଲେ ଭାବୁକ ହୃଦୟେ
ଜନ୍ମେ କେତେ ଅନୁଭୂତି ।

ଘ-ଘର୍ଘର ନାଦରେ ଉର୍ମି ଲୋଟୁଥିଲା
ପାଦେ ଢାଳି ସ୍ୱଚ୍ଛ ଜଳ
ଆଉ ଆସୁନାହିଁ ପାଛୋଟା ଅତିଥି
ଫେରିଛି ଅନେକ କାଳ ।

ଚ-ଚରଣ କି ତୋର ପଡିଛି ମଳିନ
ହଜିଲାଣି ରୂପ ଶିରୀ
ଜରାଜୀର୍ଣ୍ଣ ଏବେ ଲାଗେ ତୋ ଶରୀର
ଝାଉଁଳି କି ଗଲା ହାରି ?

ଛ-ଛନ୍ଦର ରାଗିଣୀ କାବ୍ୟର ତୁ ମଣି
ଗଳ୍ପର ତୁହି କାହାଣୀ
ତୋତେ ନେଇ କେତେ ଭାବୁକ ପ୍ରବର
ଲେଖା ଲେଖି ହୋନ୍ତି ଗୁଣି ।

ଜ-ଜନ୍ମିତ ଲଳନା କବିର କଳ୍ପନା
ଶିଳ୍ପୀର ହସ୍ତ ମନ୍ଦିର
ଯେତେ ଦେଖୁଥିଲେ ତୋ ରୂପ ମାଧୁର୍ଯ୍ୟ
ସଦା ତୁ ଶତ ସୁନ୍ଦର ।

ଝ-ଝରେ ତୋ ବକ୍ଷରୁ ଭାବନା କଳ୍ପନା
ଫୁଟେ କେତେ ଭାବ ଛଇ
କି ବର୍ଣ୍ଣିବି ତୋର କଳା ଅନୁପମା
କବି ମଧ୍ୟେ ଭୃତ୍ୟ ମୁହିଁ ।

ଟ-ଟହକ ଶୋଭିତା ପ୍ରେୟସୀ ନାୟିକା
କାଞ୍ଚନ କି ମୁକ୍ତାହାର
କଳାରେ କଳରେ ଉତ୍କଳ କ୍ଷେତ୍ର ପରେ
ସ୍ଥିତି ତୋର ମୁକ୍ତାହାର ।


ଠ-ଠଉର ବିକାଶେ ଜାଜ୍ଜ୍ୱଲ୍ୟତା ବନେ
ଦେଇ ଆତ୍ମ ପରିଚୟ
ଦିବ୍ୟ ଚେତନାର ସତେ ରତ୍ନବାଳା
କନକେ ସ୍ମୃତି ବିସ୍ମୟ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ ।
ମୋ:୮୩୨୮୯୩୦୫୫୪

# ଆଦିକବି



ଅକ୍ଷୟ କୁମାର ରାଉତ



ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା । ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ । ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୂହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୁଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ । ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା । 'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି । ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସାଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

# ସପ୍ତମୀ ବୁଡ଼



ଡକ୍ଟର ଶ୍ରୀହରି ପଣ୍ଡା

ମେଳା, ସମାରୋହ ଏବଂ ସାରସ୍ୱତ ସମ୍ଭାରର ଦେଶ ଉତ୍କଳ । ଏଠାରେ ବର୍ଷ ତମାମ କିଛି ନା କିଛି ଉତ୍ସବ ପରିପାଳିତ ହେଉଥାଏ । ଉତ୍କଳର ସଂସ୍କୃତିରେ ପଞ୍ଚଦେବତା ଉପାସନା ମହତ୍ୱ ରଖେ । ପଞ୍ଚଦେବତା ଉପାସନା ମଧ୍ୟରୁ ସୌର ଉପାସନା ପ୍ରାଚୀନତମ, ଏଣୁ ସୂର୍ଯ୍ୟ ଆଦିଦେବ ନାମରେ ପରିଚିତ । ଭଗବାନଙ୍କ ପ୍ରତ୍ୟକ୍ଷ ଅବତାରମାନଙ୍କ ମଧ୍ୟରେ ସୂର୍ଯ୍ୟଦେବ ଅନ୍ୟତମ । ଭଗବାନ ସୂର୍ଯ୍ୟଦେବଙ୍କର ଯଗୁଁ ସୃଷ୍ଟି ସମ୍ଭବ । ତାଙ୍କରି ଇଛାରେ ଜୀବଜଗତ ତିଷ୍ଠି ରହିଛି । ସୂର୍ଯ୍ୟ କାଳଚକ୍ରର ନିୟାମକ ହୋଇଥିବାରୁ ଦିନ, ରାତି, ମାସ, ବର୍ଷ ଓ ଯୁଗ ସୃଷ୍ଟି କରନ୍ତି । ଋକବେଦରେ ତାଙ୍କୁ ଜଡ ଓ ଚେତନର ଆତ୍ମା ବୋଲି କୁହାଯାଏ । ସେ ଭୂତଜଗତର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ରକ୍ଷକ । ସକଳ ସୃଷ୍ଟିର ଆଧାର ସୂର୍ଯ୍ୟଦେବଙ୍କ ଜନ୍ମ ମାଘମାସ ଶୁକ୍ଳପକ୍ଷ ସପ୍ତମୀରେ ହୋଇଥିଲା ବୋଲି ଶାସ୍ତ୍ରରେ ବର୍ଣ୍ଣନା ଦେଖିବାକୁ ମିଳେ । ସୂର୍ଯ୍ୟଙ୍କର ପିତା ଦୌ ବା ବିଶ୍ୱପୁରୁଷ ବୋଲି ଋକବେଦରେ ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ । ସେ ତାଙ୍କ ଚକ୍ଷୁରୁ ଜାତ ହୋଇଥିବାର ଜଣାଯାଏ । ପୁନଶ୍ଚ କାଶ୍ୟପଙ୍କ ପୁତ୍ର ଭାବରେ ବର୍ଣ୍ଣନା କରାଯାଇ କାଶ୍ୟପେୟ ବୋଲି ସମ୍ବୋଧନ କରାଯାଉଥିବା ସମୟରେ ଅଦିତିଙ୍କ ପୁତ୍ର ଭାବରେ ଆଦିତେୟ ନାମରେ ମଧ ସମ୍ବୋଧନ କରାଯାଏ । ଉପନିଷଦରେ ଆଦିତ୍ୟଙ୍କୁ ପରଂବ୍ରହ୍ମ ବୋଲି କୁହାଯାଇଛି । ସୂର୍ଯ୍ୟଦେବଙ୍କର ମହିମା ଏବଂ ଉପାସନା ପଦ୍ଧତି ଆମ ସମସ୍ତ ଶାସ୍ତ୍ରରେ ବର୍ଣ୍ଣନା ହୋଇଥିବାର ଦେଖାଯାଏ । ଦ୍ୱାଦଶ ଆଦିତ୍ୟ ଓ ନବଗ୍ରହଙ୍କ ମଧ୍ୟରେ ଉପାସିତ ସୂର୍ଯ୍ୟଙ୍କର ଏକଚକ୍ର ବିଶିଷ୍ଟ ରଥରେ ଏତଶ ନାମକ ଅଶ୍ୱ ସଂଯୁକ୍ତ ହୋଇଥିବାର ବର୍ଣ୍ଣନା ମିଳୁଥିବା ସମୟରେ ଅନ୍ୟଠି ସପ୍ତାଶ୍ୱ ସଂଯୁକ୍ତର ବର୍ଣ୍ଣନା ଦେଖିବାକୁ ମିଳେ । ଗ୍ରହସୂତ୍ର ଏବଂ ଗ୍ରହଯାଗତତ୍ତ୍ୱର ବର୍ଣ୍ଣନାନୁସାରେ ସୂର୍ଯ୍ୟଙ୍କର ଜନ୍ମ କଳିଙ୍ଗରେ ହୋଇଥିଲା ଯାହାକି ବ୍ରହ୍ମପୁରାଣ ମଧ ସମର୍ଥନ କରିଛନ୍ତି । କୋଣାଦିତ୍ୟ ବାଲୁକାପ୍ରଦେଶ କୋଣାର୍କରେ ସୂର୍ଯ୍ୟ ଜନ୍ମ ହୋଇଥିବାର ବର୍ଣ୍ଣନା ପୁରାଣରେ ବର୍ଣ୍ଣିତ ହୋଇଛି । ପୁରାଣମାନଙ୍କର ବର୍ଣ୍ଣନାନୁସାରେ କୁଷ୍ଠ ରୋଗାକ୍ରାନ୍ତ ଶ୍ରୀକୃଷ୍ଣ ନନ୍ଦନ ଶାମ୍ବ ନାରଦଙ୍କ ପରାମର୍ଶ କ୍ରମେ କୋଣାର୍କରେ ସୂର୍ଯ୍ୟ ଉପାସନା କରି ରୋଗରୁ ମୁକ୍ତି ପାଇଥିଲେ । ସେବେଠାରୁ ସୂର୍ଯ୍ୟ ଉପାସନା ଭାରତବର୍ଷରେ ପ୍ରସିଦ୍ଧି ଲାଭ କରିଥିଲା । ଏଣୁ ଏହି ପୁଣ୍ୟକ୍ଷେତ୍ର କୋଣାର୍କରେ ମାଘମାସ ଶୁକ୍ଳପକ୍ଷ ସପ୍ତମୀରେ ସୂର୍ଯ୍ୟଙ୍କ ଜନ୍ମଦିବସରେ ମହାମେଳା ଅନୁଷ୍ଠିତ ହୁଏ । ଏହି ଦିନ ଏଠାରେ ବିରାଟ ଜନସମାଗମ ହୋଇଥାଏ । ପ୍ରାତଃକାଳୀନ ସମୁଦ୍ରୋ୍‌ିତ ବାଳ ସୂର୍ଯ୍ୟଙ୍କ ଦର୍ଶନ ଲାଗି ବହୁଦୂରାଗତ ବ୍ୟକ୍ତି ପୂର୍ବଦିବସରୁ ଏହି ପୀଠରେ ଏକତ୍ର ହୋଇଥାଆନ୍ତି । ଏହିଦିନର ପ୍ରତ୍ୟୁଷକାଳୀନ ସୂର୍ଯ୍ୟଙ୍କର ବାଳ କିରଣରେ ବୈଜ୍ଞାନିକଙ୍କ ମତାନୁଯାୟୀ ବହୁ ପ୍ରକାର ରୋଗ ନିବାରଣୀ ଶକ୍ତି ଥିବାରୁ ମାଘ ସପ୍ତମୀକୁ 'ଆରୋଗ୍ୟ ସପ୍ତମୀ' ବୋଲି ମଧ କହିନ୍ତି । ସୂର୍ଯ୍ୟ ମନ୍ଦିରରୁ ବିଜେ ପ୍ରତିମା ଚନ୍ଦ୍ର ସୂର୍ଯ୍ୟଙ୍କୁ ରଥରେ, ଅଷ୍ଟଚଣ୍ଡୀ ଓ ଅଷ୍ଟଶମ୍ଭୁଙ୍କୁ ବିମାନରେ ଷଷ୍ଠୀ ରାତ୍ରିରେ ଅଣାଯାଇ ମେଳଣ ହୁଏ । ତାପରେ ସକଳ ଦେବାଦେବୀଙ୍କ ତୀର୍ଥସ୍ନାନପରେ ଭକ୍ତଗଣ ବୁଡ ପକାଇ ନିଜକୁ ପୁଣ୍ୟର ଅଧିକାରୀ କରନ୍ତି । ବୁଡ ପକାଇବା ସମୟରେ ସାଧାରଣତଃ ଏହି ଶ୍ଳୋକ କହି ସ୍ନାନ କରନ୍ତି ।

"ଯଦାଯଦ୍ ଜନ୍ମକୃତଂ ପାପଂ
ମୟା ସପ୍ତସୁ ଜନ୍ମସୁ
ତନ୍ମେ ରୋଗଂ ଚ ଶୋକଂ ଚ
ମକାରୀ ହନ୍ତୁ ସପ୍ତମୀ ।"

ଏହାର ପରଦିନ ଅର୍ଥାତ୍ ଅଷ୍ଟମୀକୁ ଭୀଷ୍ମାଷ୍ଟମୀ ବୋଲି କୁହାଯାଏ । ଉକ୍ତ ତିଥିରେ ଇଛାମୃତ୍ୟୁର ବର ପାଇଥିବା ପିତାମହ ଭୀଷ୍ମ ସ୍ୱଇଛାରେ ସୂର୍ଯ୍ୟଙ୍କ ଉତ୍ତରାୟଣ ପର୍ଯ୍ୟନ୍ତ ଅପେକ୍ଷା କରି ମୃତ୍ୟୁକୁ ପ୍ରାପ୍ତ ହୋଇଥିଲେ । ପୁଣ୍ୟାତ୍ମା ଭୀଷ୍ମଙ୍କର ସେହି ଇଛାମୃତ୍ୟୁର ଦିବସକୁ ମନେ ରଖିବା ପାଇଁ ଭାରତବର୍ଷରେ ଏହି ତିଥିକୁ ଭୀଷ୍ମାଷ୍ଟମୀ ପର୍ବ ଭାବରେ ପାଳନ କରାଯାଏ । ମହାଭାରତର ଶାନ୍ତିପର୍ବର ବର୍ଣ୍ଣନାନୁସାରେ-

ଶୁକ୍ଳପକ୍ଷସ୍ୟ ଚାଷ୍ଟମ୍ୟାଂ
ମାଘମାସସ୍ୟ ପାର୍ଥିବ
ପ୍ରାଜାପତ୍ୟେ ଚ ନକ୍ଷତ୍ରେ
ମଧ୍ୟଂ ପ୍ରାପ୍ତେ ଦିବାକରେ ।
ନିବୃତମାତ୍ରେ ତ୍ୱୟନ
ଉତରେ ବୈ ଦିବାକରେ
ସମାବେଶୟଦାତ୍ମାନ
ମାତ୍ମନ୍ୟେବ ସମାହିତଃ ।

ଅର୍ଥାତ୍ ମଧ୍ୟାହ୍ନ ସମୟରେ ଭୀଷ୍ମ ଦେହତ୍ୟାଗ କରିଥିଲେ । ବ୍ରହ୍ମରନ୍ଧ୍ରରୁ ପ୍ରାଣବାୟୁ ନିର୍ଗତ ହୋଇ ଉଲକା ପିଣ୍ଡପରି ଘୁରି ଘୁରି ଅନ୍ତର୍ଦ୍ଧାନ ହୋଇଯାଇଥିଲା । ଭଗବାନ ଶ୍ରୀଖୃଷ୍ଣଙ୍କ ସମେତ ପଞ୍ଚପାଣ୍ଡବ ତାଙ୍କୁ ଜଳାଞ୍ଜଳି ଦେବା ସହ ସଂସ୍କାର କରିଥିଲେ । ଏହି ମହାନ ତ୍ୟାଗୀ ଭୀଷ୍ମ ନିଜ ପିତାଙ୍କ ନିମନ୍ତେ ଚିରକାଳ ବ୍ରହ୍ମଚର୍ଯ୍ୟ ପାଳନ କରିବା ସହିତ ଅପୁତ୍ରିକ ହୋଇ ମୃତ୍ୟୁ ବରଣ କରିଥିବାରୁ ସାରା ହିନ୍ଦୁସମାଜ ତାଙ୍କୁ ତର୍ପଣ କରିଥାନ୍ତି ।

॥ ଜୟ ଜଗନ୍ନାଥ ॥

ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## କବିତା କୋଣାର୍କ

### ପ୍ରତିଶୃତି...

ତପନ କୁମାର ସାହୁ

କହିବିନି ଜହ୍ନ ଦେହେ କିଣିଦେବି ଜାଗା
ତାରା ଫୁଲେ ବାନ୍ଧିଦେବି ଗଭା
ବିଛିବାକୁ ଚଲାପଥେ ଫୁଲ
ଦେବିନାହିଁ ମିଛ ପ୍ରତିଶୃତି
ଆଲୋକର ସ୍ୱପ୍ନ ଭରା ରାତି !

ଏଠିତ ଆକାଶ ବି ମାଟିକୁ
ପାଣି ବୁନ୍ଦେର ଭରସା ଦେଇ ପାରେନା
ଏଠି ତ ବସନ୍ତ ବି ବ୍ୟସ୍ତ କୋଇଲିର
ମିଠା କୁହୁ ଶୁଣିବାକୁ !

ସେ କଦମ୍ବ ବୃକ୍ଷତ ପ୍ରେମର ମୂକ ସାକ୍ଷୀ
ଛନ୍ଦା ପାଦରେ ପାଦ ଛନ୍ଦି
ଶୁଣିଛି ବଂଶୀ ସ୍ୱନର କେତେ ପ୍ରତିଶୃତି !

ମୁଁ ତ ଶୂନ୍ୟ ହସ୍ତେ ଦାନୀ କର୍ଣ୍ଣ ବଳି
ମୋ ପାଖେ ଖାଲି ବିଶ୍ୱାସ ଓ ଭରସାର
କୁବେର ଭଣ୍ଡାର
ଯଦି ତୁମେ ଖୋଜିବ
ନିଃସ୍ୱାର୍ଥ ହୋଇ
ପଟି ବନ୍ଧା ଆଖି ପଛରେ ଫୁଟିବ ସୋରିଷ
ମିଳିବ ଦର୍ଶନ ନୀଳମାଧବଙ୍କ !

ଯଦି ତୁମେ ରାଜି ଅଛ
ଭୋଗିବାକୁ ଭାଗେ ମୋ ଭାଗର
ଅଭେଦ୍ୟ ଅନ୍ଧାର
ମୁଁ ବି କଥା ଦେଲି
ମିଶିକି ଭୋଗିବା ଚହଟର ଚଉହଦି
ତାପରେ ମାଟି ବି ହେବ ଓଦା ସରସର
ବସନ୍ତ ବି କାନ ପାତି ଶୁଣୁଥିବ
କୋଇଲିର କୁହୁ !

+ବେଲଗାଁ,କଳାହାଣ୍ଡି
ମୋ.୯୦୧୯୩୧୧୮୬୮

### ଦୁଃଖ ବୋଲି କିଛି ନାହିଁ ...

ବୈଷ୍ଣବ ମେହେର



ଏମିତିରେ ମୁଁ କହେ
ଦୁଃଖ ବୋଲି ମୋର କିଛି ନାହିଁ
ଆକାଶରୁ ଖସୁଥାଉ ପଛେ ନିଆଁ
ଝରଝର ଝରିଆରେ
ବୁଡ଼ି ଯାଉ ଘର ଅଗଣା
ନିରୁଦ୍ଦିଷ୍ଟ ହୁଅନ୍ତୁ ପଛେ
ଯେତେ ସବୁ ଆତ୍ମିୟତା
ମୋର ବା ଦୁଃଖ କ'ଣ !

ସତ ଯଦି କହିବି-
ସବୁ ବେଳେ ଦୁଃଖକୁ ଅଣଦେଖା କରିବା
ଭାରି ମୁସ୍କିଲ ବ୍ୟାପାର
ଦୁଃଖ ଦେଖେ ମୁଁ...
ନୂଆପଡ଼ାର ଭିଜାଭିଜା ରାଜରାସ୍ତାରେ
ସରକାରୀ ଡଷ୍ଟବିନ ପେଟକୁ
ଅଣ୍ଡାଳି ଅଣ୍ଡାଳି
ଅକଥନୀୟ ଭୋକ ଭୋଗୁଥିବା
ଅପରିଚିତ ଯୁବକ ଭିତରେ !

ଅନେକ ଥର ଦୁଃଖ ଆସେ ସିନା
କନ୍ଦେଇ ପାରେନି କେବେ,
ମଣିଷ ଭିତରେ ମାନବିକତାର
ମଂତ୍ର ଛିଂଚୁଥିବା ନବଯୁବକର
ସୁଠାମ ଶରୀର ଯେବେ
ରେଳ ଧାରଣାରେ ଛିନଛତର ହୁଏ
କାନ୍ଦିବାକୁ ଭାରି ଇଛା ହୁଏ !

ସେପଟେ ରାଜନୀତିର ଦାଓପେଂଚରେ
ସୀମାରେ ହେଉ କି ରାଜରାସ୍ତାରେ
ଚୀନ ହାତରେ କି
ଦୁର୍ଦ୍ଧାନ୍ତ ଦୁବେ ହାତରେ
ଯୋଦ୍ଧାମାନେ ଶହୀଦ ହୁଅନ୍ତି ସିନା
ନିତି ମରୁଥିବା ସେମାନଙ୍କ
ପିଲାଛୁଆ, ମା'ଆ ମାନଙ୍କ ବେଦନା
ଖୁବ କନ୍ଦାଏ ।

ଟୋକନ ଆସିଲାନି ବୋଲି
ଗତ ଖରିଫ ଧାନର ବିକ୍ରି ନାହିଁ
କପାଳରେ ହାତ ମାରିଛି ଚାଷୀ
ଋଷିଛି ନା କ'ଣ
ଏସନ ବୁଣା ମଂଜି ବି ମୁହଁ ଟେକୁନି
ଗତ ଋଣ ପଇଠ ହୋଇନି ତ
ଏଥର ତା ଭାଗ୍ୟରେ ଋଣ କାହିଁ !

ଏସନ ସୁଶାନ୍ତ ସିଂହ ଠୁଁ ଆରମ୍ଭ
ସେହି ଚିରାଚରିତ ଋତୁ
ପୁଣି ଚାଷୀ ଯାଏଁ ପହଂଚି ଯିବନିତ,
ଗାଁମୁଣ୍ଡ ବରଗଛ ଡାଳେ
ଆଉ କାହାର କଂଚା ଜୀବନ
ଓହଳି ନ ପଡୁ
ଚିନ୍ତାରେ ଦୁଃଖ ମାଡ଼େ !

ବର୍ଷାର ଅରେଞ୍ଜ ୱାର୍ନିଙ୍ଗ ସତ୍ତ୍ୱେ
ଖରାର ଡହଡହ ରାଜୁତି ଭଳି
ଅଦିନିଆ ଦୁଃଖ ଫୁଟି ଆସେ
ନ ହେଲେ ଏବେ ବି କହୁଛି
ଦୁଃଖ ବୋଲି ମୋର କିଛି ନାହିଁ ।

+ସଭାପତି ଗଙ୍ଗାଧର
ସାରସ୍ୱତ ସମିତି
ସିନାପାଲି,ନୂଆପଡ଼ା




ଦିଲ୍ଲୀପ ହାଲି


# କଥା ଚିତ୍ରର କଥା...

ଓଡ଼ିଆ ଚଳଚ୍ଚିତ୍ର ଚଳଚଂଚଳ ସଂଖ୍ୟାରେ ! ଗୁଣାତ୍ମକ ଓ ବ୍ୟବସାୟିକ ଦୃଷ୍ଟିରୁ ବିଚାର କଲେ ଫଳଶୂନ୍ୟ। ତଥାପି ନୂତନ ପ୍ରଯୋଜକ ମାନଙ୍କୁ ଭଣ୍ଡେଇ ବିତରକମାନେ ଲୁଟ୍ କରି ହାତ ଚିକ୍କଣ କରୁଛନ୍ତି। ପ୍ରଯୋଜକଙ୍କୁ ନୂତନ ନିର୍ଦ୍ଦେଶକମାନେ ଭିନ୍ନ ଭିନ୍ନ ସୂତ୍ରରେ ବାନ୍ଧି ଦେଇ ବଳି ଦେବାପରି ହତ୍ୟା କରି ଚାଲିଛନ୍ତି। ପ୍ରଯୋଜନାଗତ ଜ୍ଞାନଗାରିମା ନଥିବା ବ୍ୟକ୍ତିବିଶେଷ କଥାରେ ମଜ୍ଜିଯାଇ ମସ୍ତିରେ ମାତିଯାଉଛି। ଏହିପରି ଭାବେ ଚଳଚ୍ଚିତ୍ର ଜଗତରେ ଲୁଟ୍‌ତରାଜ ଲାଗିରହିଛି। ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ସ୍ଥିତିକୁ ସମସ୍ତ ପୁରୁଣା ପ୍ରଯୋଜକମାନେ ତାଙ୍କ ବୈଠକ ବେଳେ ଆଲୋଚନା ଆଶାର ଆଲୋକ ପରି ପ୍ରତୀକ୍ଷାରେ ରହିଯାଇଛି। ଯାହାଫଳରେ ନୂଆ ପ୍ରଯୋଜକମାନଙ୍କୁ ମନେଇ ନୂଆ ନିର୍ଦ୍ଦେଶକ ନିଜର ମନସ୍କାମନା ପୂରଣ କରୁଛନ୍ତି। କଥା ଆରମ୍ଭ ବେଳେ ଗୋଟିଏ ବଜେଟ୍ ଦେଇ ପ୍ରଯୋଜକମାନଙ୍କର ମନ କିଣିନେବା ପରେ ସୁଟିଂ ବେଳକୁ ତାହା ୪/୫ଗୁଣ ଅଧିକ ହୋଇଯାଏ। ଏହିପରି ଭାବେ ପ୍ରଯୋଜକମାନଙ୍କୁ ଫଶାଇ କିଛି ବୁଲା ନିର୍ଦ୍ଦେଶକମାନେ ନିଜକୁ ଦୋଷମୁକ୍ତ କରି ପ୍ରଯୋଜକ ହତ୍ୟାକାରୀ ସାଜିଛନ୍ତି। ସଠିକ୍ ମାର୍ଗଦର୍ଶନ ଆଦୌ ନାହିଁ। ଓଡ଼ିଶାରେ ଚଳଚ୍ଚିତ୍ର ସମ୍ପର୍କରେ ସାମାନ୍ୟ ଜ୍ଞାନ ନଥିବା ବ୍ୟକ୍ତବିଶେଷ ନିର୍ଦ୍ଦେଶନା ଦେବାକୁ ସାହାସ କରିବା ବୃଥା ଆସ୍ଫାଳନ। ଚଳଚ୍ଚିତ୍ର ଏକ ବୃହତ୍ ଗଣମାଧ୍ୟମ। ଉତ୍ତାରୀ ଚଳଚ୍ଚିତ୍ର କରି ମଧ୍ୟ ଆମ ନିର୍ଦ୍ଦେଶକମାନେ ଫେଲ୍ ହେବା ପରିତାପର ବିଷୟ। ଫଳରେ ଓଡ଼ିଆ ଚଳଚ୍ଚିତ୍ରରେ ମାନ୍ଦ୍ରାସରୁ ଆସିଥିବା ନୃତ୍ୟ ନିର୍ଦ୍ଦେଶକମାନେ ଏଠାରେ ସଫଳ ନିର୍ଦ୍ଦେଶକର ଦ୍ୱାହିଦେଇ ଆତ୍ମସାତ୍ କରିଚାଲିଛନ୍ତି। ଏପରି ସ୍ଥିତି ଭିତରେ ଓଡ଼ିଆ ଚଳଚ୍ଚିତ୍ର ରସାତଳକୁ ଗଲାଣି। ଭଲ ଗୀତ ଓ କାହାଣୀ ଥିଲେ ମଧ୍ୟ ଚଳଚ୍ଚିତ୍ର ଆଶାନୁରୂପ ବ୍ୟବସାୟ କରୁନାହିଁ। କେବଳ ଶୁଭମୁକ୍ତି ଦିନ ବିଳାପ କରି ଆମେ ନିଜକୁ ଦୋଷମୁକ୍ତ କହୁଛେ। ପ୍ରକୃତପକ୍ଷେ ପ୍ରଯୋଜକ ବଂଚାଇବା ଦିଗରେ ଆମର ଉଦ୍ୟମ ନାହିଁ। ଗୋଟିଏ ଚଳଚ୍ଚିତ୍ରର ଉଦାହରଣ ଦେଇ ଅନ୍ୟ ପ୍ରଯୋଜକ ଖୋଜି ବୁଲୁଛେ। ଏ ପ୍ରକାର ଠକାମୀ ଯେତେ ଦିନ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଚାଲିଥିବ ଭଲ ସିନେମା ଆସିବ ଏ ପ୍ରତୀକ୍ଷା କେବଳ ବୃଥା !

ଓଡ଼ିଆ ଚଳଚ୍ଚିତ୍ରର ହିନ୍ଦୀ ଓ ଇଂରାଜୀ ଅଧାଖଣ୍ଡିଆ ନାମକରଣ ପ୍ରତି ପ୍ରଯୋଜକ ସିଣ୍ଡିକେଟ୍ ଗୁରୁତ୍ୱର ସହ ବିଚାର କରି ନାମ ରେଜେଷ୍ଟିଭୁକ୍ତ କରନ୍ତୁ ନାହିଁ। ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣର ଯଥାର୍ଥତା ନଥିବା ହେତୁ ସିଣ୍ଡିକେଟର ଦାୟିତ୍ୱବୋଧ ଯେତିକି ରହିଛି ସେନସର କର୍ତ୍ତୃପକ୍ଷ ମଧ୍ୟ ଏପରି ନାମକରଣକୁ ଅନୁମତି ନଦେଲେ ଓଡ଼ିଆ ନାମକରଣର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ।

ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ଯେତେବେଳେ ବାତ୍ୟା ଆସେ ଘର ରଙ୍ଗ ଓ ମରାମତି କରିସାରି ନୂତନ ରୂପରେ କଳିଙ୍ଗ ଷ୍ଟୁଡିଓ କହି କେବଳ ବାହାସ୍ଫଟ ମାରିବା ଛଡ଼ା ଅନ୍ୟକିଛି ନୁହେଁ। ଷ୍ଟୁଡିଓ ସରକାର ନିଜେ ନ କରି ପି.ପି.ପି ମୋଡ଼ରେ ଆହ୍ୱାନ କଲେ ଅନେକ ଶିଳ୍ପଦ୍ୟୋଗୀ ନିଶ୍ଚିତ ଭାବେ ଆସିବେ। ଏକଥାକୁ ଗୁରୁତର ସହ ବିଚାର ବିମର୍ଶ କରିବା ଶିଳ୍ପ ବିଭାଗର ଦାୟିତ୍ୱ। ନହେଲେ ନିଗମର ଗମନାଗମନ ସଠିକ୍ ମାର୍ଗରେ ଯିବନାହିଁ। ପ୍ରଯୋଜକମାନେ ସରକାରୀ ଷ୍ଟୁଡିଓ ଅପେକ୍ଷା ବେସରକାରୀସ୍ତରରେ ନିଜ ଚଳଚ୍ଚିତ୍ରର ସମସ୍ତ କାର୍ଯ୍ୟ ଯଥାବିଧି ଅନୁସାରେ ସାରିବେ। ଓଡ଼ିଆ ଚଳଚ୍ଚିତ୍ର ଶୁଭମୁକ୍ତି ନିମନ୍ତେ ବିତରକ ସଂସ୍ଥା ଗୁଡ଼ିକ ଅନେକ ଅର୍ଥ ଆତ୍ମସାତ୍ କରୁଛନ୍ତି। ପ୍ରଯୋଜକ ତାର ପ୍ରକୃତ ଅର୍ଥ ଫେରି ପାଇବେ, ଏ ଚିନ୍ତା କରିବା ଭୁଲ୍। ସେମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଗ୍ରୁପ୍ ବିତରକ ସାଜିଛନ୍ତି। ପ୍ରଯୋଜକମାନଙ୍କୁ ନାମ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ଅର୍ଥରେ ଏମାନେ ବଳଶାଳୀ। ଚଳଚ୍ଚିତ୍ର ବ୍ୟବସାୟ ନିମନ୍ତେ ଏ ପ୍ରକାର ସଂସ୍ଥାର ଆବଶ୍ୟକତା ଯେହେତୁ ଅଛି ସେମାନେ ଏମାନଙ୍କ ଗୁପ୍‌ଚୁପ୍ କଥାର ମର୍ମ ବୁଝି ସବୁ କିସମର ରଫାଦଫା କରିପାରନ୍ତି। ଏ ପ୍ରକାର ମାଫିଆମାନଙ୍କ ହାବୁଡ଼ରେ ଥରେ ପଡ଼ିଲା ପରେ ପରବର୍ତ୍ତୀ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାଣ ଆଶା ମଉଳିଯାଏ। (କ୍ରମଶଃ)


+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮


# ଡରାଇଦେଲେ ଜାହ୍ନବୀ



ନିଜ ଫ୍ୟାଶନ ଏବଂ ଗ୍ଲାମରସ ଲୁକ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବେ ଲୋକଙ୍କୁ ଭୟଭୀତ କରି ଦେଇଛନ୍ତି। ତାଙ୍କୁ ଯିଏ ଦେଖୁଛୁ ସିଏ ଭୟରେ ଥରି ଉଠୁଛି। ଗ୍ଲାମର ଗାର୍ଲରୁ ସେ ଲୁକରେ ସାଜିଛନ୍ତି ଭୂତୁଣୀ। ଡାହାଣୀ ହୋଇ ସମସ୍ତଙ୍କୁ ଡରାଇଛନ୍ତି। ତାଙ୍କ ଅପକମିଂ ଫିଲ୍ମ 'ରୁହି'ରେ ତାଙ୍କୁ କିଛି ଏଭଳି ଦେଖିବାକୁ ମିଳିବ। ରିଲିଜ ହୋଇଛି ଅପକମିଂ ଫିଲ୍ମ 'ରୁହି'ର ଟ୍ରେଲର। ଏଥିରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିଛି। ସେ ଏଥିରେ ଡାହାଣୀ ସାଜିଛନ୍ତି। ତାଙ୍କ ଅପୋଜିଟରେ ଅଛନ୍ତି ଭର୍ସଟାଇଲ ଅଭିନେତା ରାଜ କୁମାର ରାଓ ଏବଂ ବରୁଣ ଶର୍ମା। ଫିଲ୍ମର ଏହି ଟ୍ରେଲରକୁ ଅଭିନେତା ରାଜ କୁମାର ରାଓ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ସେଆର କରିଛନ୍ତି। ସେ କ୍ୟାପଶନରେ ଲେଖିଛନ୍ତି, 'ନବବଧୂ ଭଳି ସଜେଇ ହେବ ଥିଏଟର, କିନ୍ତୁ ବରକୁ ନେଇଯିବ ରୁହି। ଭୂତଙ୍କ ଏହି ନିଆରା ବିବାହରେ ଆପଣଙ୍କୁ ସ୍ୱାଗତ। ମ୍ୟାଜିକ ଅଫ୍ ସିନେମା ରିଟର୍ଣ୍ଣ।' ହାର୍ଦ୍ଦିକ ମହେତାଙ୍କ ନିର୍ଦ୍ଦେଶନାରେ ତିଆରି ଏହା ଏକ ହରର କମେଡି ଫିଲ୍ମ। ଏଥିରେ ପ୍ରଥମ କରି ଜାହ୍ନବୀ ଏବଂ ରାଜକୁମାରଙ୍କୁ ଏକାଠି ପରଦା ଉପରେ ଦେଖିବାକୁ ମିଳିବ। ପୂର୍ବରୁ ଏହି ଫିଲ୍ମର ନାଁ 'ରୁହ ଆଫଜା' ରଖାଯାଇଥିଲା କିନ୍ତୁ ପରେ ଏହାକୁ ବଦଳାଇ 'ରୁହି' ରଖାଯାଇଛି। ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ଫିଲ୍ମଟି ସୁନେମା ଘରେ ରିଲିଜ ହେବ।

# ଧୁମ୍-୪'ରେ ଦୀପିକା ପାଦୁକୋଣ ଭିଲେନ୍ !



ଯଶ ରାଜ ବ୍ୟାନରରେ ନିର୍ମିତ ଫିଲ୍ମ 'ଧୁମ୍' ସିରିଜ୍‌ର ପ୍ରଥମ ତିନୋଟି ଭାଗ ଦର୍ଶକଙ୍କ ମନ ଜିଣିବାରେ ସଫଳ ରହିଥିଲା। ଏବେ ନିର୍ମାତା 'ଧୁମ୍'ର ପରବର୍ତ୍ତୀ ଭାଗ ଅର୍ଥାତ୍ 'ଧୁମ୍-୪' ପାଇଁ ଯୋଜନା ଆରମ୍ଭ କରିଦେଇଥିବା ସୂଚନା ମିଳିଛି ଏବଂ ଏହି ଫିଲ୍ମରେ ଏଥର ମେଲ୍ ନୁହେଁ ଫିମେଲ୍ ଭିଲେନ୍ ହିଁ ମୁଖ୍ୟ ଆକର୍ଷଣ ହେବ। ଆଉ ଏହି ଫିମେଲ୍ ରୋଲ୍ ତୁଲାଇପାରନ୍ତି ବଲିଉଡର ଏକ ନମ୍ବର ଅଭିନେତ୍ରୀ ଦୀପିକା ପାଦୁକୋଣ। ଫିଲ୍ମଫେୟାର୍ ରିପୋର୍ଟ ମୁତାବକ, 'ଧୁମ୍-୪'ର ନିର୍ମାତା ଏହି ରୋଲ୍ ପାଇଁ ଦୀପିକାଙ୍କ ସହ ଯୋଗଯୋଗ କରିଛନ୍ତି। ଦୀପିକା ମଧ ଏଭଳି ଏକ ରୋଲ୍ ତୁଲାଇବାକୁ ନେଇ ବହୁତ ଉତ୍ସାହିତ ଅଛନ୍ତି। ତେବେ ଏହି ଫିଲ୍ମ ସାଇନ୍ କରିବା ପୂର୍ବରୁ ଦୀପିକାଙ୍କୁ ନିଜର ତାରିଖକୁ ମ୍ୟାନେଜ୍ କରିବାକୁ ହେବ। କାରଣ ଦୀପିକା ଏବେ ଆଉ କିଛି ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। 'ଧୁମ୍' ସିରିଜ୍ ତା'ର ଷ୍ଟାଇଲିଜ୍ ଚେଜ୍ ସିକ୍ୱେନ୍ସ ଓ ଲୋକେସନ୍ସ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଛି। ସିରିଜର ତିନୋଟି ଯାକ ପାର୍ଟରେ ଅଭିଷେକ ବଚ୍ଚନ ଓ ଉଦୟ ଚୋପ୍ରାଙ୍କୁ ଦେଖିବାକୁ ମିଳିଛି। ହେଲେ ପ୍ରଥମ ଭାଗରେ ଜନ୍ ଆବ୍ରାହମ୍, ଦ୍ୱିତୀୟ ପାର୍ଟରେ ହ୍ରିତିକ ରୋଶନ୍ ଏବଂ ତୃତୀୟ ପାର୍ଟରେ ଆମୀର ଖାନ୍ ଭିଲେନ୍ ରୋଲରେ ନଜର ଆସିଥିଲେ। ତେବେ ଫ୍ରାଞ୍ଚାଇଜିର ଚତୁର୍ଥ ଭାଗରେ ଜଣେ ଫିମେଲ୍ ଭିଲେନ୍ ଆସିବା ଦ୍ୱାରା ଏହା ଅଧିକ ରୋମାଞ୍ଚକର ହେବ। ଦୀପିକା ଏବେ ସିଦ୍ଧାର୍ଥ ଆନନ୍ଦଙ୍କ ଫିଲ୍ମ ଶାହରୁଖ୍ ଖାନ୍ ଓ ଜନ୍ ଆବ୍ରାହମଙ୍କ ଅଭିନୀତ 'ପଠାନ'ରେ ନଜର ଆସିବେ। ସେ ଶକୁନ୍ ବାତ୍ରାଙ୍କ 'ଅନଟାଇଟଲ୍ଡ' ଫିଲ୍ମରେ ଅନନ୍ୟା ପାଣ୍ଡେ ଓ ସିଦ୍ଧାର୍ଥ ଚତୁର୍ବେଦୀଙ୍କ ସହ ନଜର ଆସିବେ। ଅନ୍ୟପକ୍ଷରେ ଦୀପିକା କବୀର ଖାନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ '୮୩'ରେ ପତି ରଣବୀର ସିଂହଙ୍କ ସହ କାମ କରୁଥିବାର ନଜର ଆସିବେ। ଏହି ଫିଲ୍ମ ବ୍ୟତୀତ ଦୀପିକା ପାଦୁକୋଣ ନାଗ ଅଶ୍ୱିନଙ୍କ ଫିଲ୍ମରେ ପ୍ରଭାସଙ୍କ ଅପୋଜିଟରେ ନଜର ଆସିବେ।

# ଜୋତା ଚୋରି କଲେ ଅଭିନେତ୍ରୀ



ବଲିଉଡ ଅଭିନେତ୍ରୀ ତଥା ପଦ୍ମାବତ ଫେମ ଅଦିତି ରାଓ ହେଦରୀ ଶେଷରେ ଚୋରି କଲେ ଜୋତା। ତାଙ୍କର ଏକ ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଜୋତା ଚୋରି କରିଥିବା ନେଇ ଧରାପଡିଛନ୍ତି। ତାଙ୍କର ଏହି ଫଟୋ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛି।

ସୋମବାର ବଲିଉଡ ଅଭିନେତ୍ରୀ ଦିଆ ମିର୍ଜା ବୈଭବ ରେଖିଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ତାଙ୍କର ଏହି ବିବାହ ଉତ୍ସବରେ ବି-ଟାଉର କିଛି କଳାକାର ସାମିଲ ହୋଇଥିଲେ। ଏହି ଅତିଥିଙ୍କ ମଧ୍ୟରେ ମୁଖ୍ୟ ଅତିଥି ଥିଲେ ଅଭିନେତ୍ରୀ ଅଦିତି ରାଓ ହେଦରୀ। ସେ ଦିଆଙ୍କ ବିବାହରେ ତାଙ୍କ ଭଉଣୀ ସାଜି ବୈଭବ ତଥା ଭିଣେଇଙ୍କ ଜୋତା ଚୋରି କରିବା ପରମ୍ପରାକୁ ସମ୍ପନ୍ନ କରିଥିଲେ।

ଏଥିସହ ହାତର ବୈଭବଙ୍କ ଜୋତା ଧରି ପୋଜ ଦେଉଥିବା ଏକ ଫଟୋକୁ ମଧ ସେ ନିଜ ଇନଷ୍ଟାଗ୍ରାମରେ ସେଆର କରିଥିଲେ। ଏହି ଫୋଟ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରା ଲାଗିଛି। ଫଟୋରେ ଅଦିତି ଗୋଲାପି ରଙ୍ଗ ସାଢ଼ୀ ପିନ୍ଧିଥିବା ବେଳେ ହାତରେ ଜୋତା ଧରିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ, ସୋମବାର ବୈଦିକ ରିତିନୀତିରେ ଦିଆଙ୍କ ଦ୍ୱିତୀୟ ବିବାହ ସମ୍ପନ୍ନ ହୋଇଛି। ସେ ବୟଫ୍ରେଣ୍ଡ ତଥା ବ୍ୟବସାୟୀ ବୈଭବ ରେଖିଙ୍କ ହାତ ଧରିଛନ୍ତି। ବିବାହ ଉତ୍ସବରେ କେବଳ ଉଭୟଙ୍କର କିଛି ହାତ ଗଣତି ବନ୍ଧୁ ଉପସ୍ଥିତ ରହିଥିଲେ। ବାହାଘର ପରେ ଦିଆ ଓ ବୈଭବ ମିଡିଆ ଆଗକୁ ଆସି ଫଟୋ ପୋଜ ଦେଇଥିଲେ। ଏଥିସହ ରିପୋର୍ଟରମାନଙ୍କୁ ମିଠା ମଧ ବାଣ୍ଟିଥିଲେ।

ବାହାଘର ପାଇଁ ଦିଆ ନାଲି ରଙ୍ଗର ବନାରସୀ ଶାଢ଼ି ପିନ୍ଧି ବେଶ ଆକର୍ଷଣୀୟ ଲାଗୁଥିଲେ। ଏହାପୂର୍ବରୁ ଦିଆଙ୍କ ବାନ୍ଦ୍ରା ସ୍ଥିତ ବାସଭବନରେ ଅନୁଷ୍ଠିତ ବାହାଘରର କିଛି ଫଟୋ ସାମ୍ନାକୁ ଆସିଥିଲା। ଏଥିରେ ଦିଆଙ୍କ ସହ ପଗଡ଼ି ପିନ୍ଧି ବୈଭବ ବେଦୀରେ ବସି ରହିଥିଲେ।


ତେବେ ଦିଆଙ୍କ ଏହା ପ୍ରଥମ ବିବାହ ନୁହେଁ। ଦିଆ ପୂର୍ବରୁ ସାହିଲ ସଙ୍ଘାଙ୍କ ସହ ବିବାହ କରିଥିଲେ। ୧୧ ବର୍ଷ ଏକାଠି ରହିବା ପରେ ୨୦୧୯ରେ ଦୁହେଁ ପରସ୍ପରଠାରୁ ଅଲଗା ହେବା ନେଇ ସୋଶାଲ ମିଡିଆ ଜରିଆରେ ଘୋଷଣା କରିଥିଲେ।

# ସଲ୍‌ମାନଙ୍କୁ ବିବାହ କରିବାକୁ ଭାରତ ଆସିଥିଲେ ସୋମି



ବଲିଉଡରେ ନିଜର କ୍ୟାରିୟର ଗଢ଼ିବାକୁ ଆସିଥିବା ପାକିସ୍ତାନୀ ଅଭିନେତ୍ରୀଙ୍କ ମଧ୍ୟରୁ ସୋମି ଅଲ୍ଲୀ ଅନ୍ୟତମ। ସେ ନାଁ କମେଇବାକୁ ନୁହେଁ ବରଂ ସଲମାନ ଖାନ୍‌ଙ୍କୁ ବାହା ହେବା ପାଇଁ ବଲିଉଡ୍ ଅଭିନୟ ଜଗତରେ ପାଦ ଥାପିଥିଲେ ବୋଲି ଜଣାପଡ଼ିଛି। ସୋମି ଅଲ୍ଲୀଙ୍କୁ ଯେତେବେଳେ ୧୬ ବର୍ଷ ହୋଇଥିଲା ସେତେବେଳେ ସେ ପ୍ରଥମ ଥର ପାଇଁ ସଲମାନଙ୍କ ଅଭିନୀତ ଚଳଚ୍ଚିତ୍ର 'ମେନେ ପ୍ୟାର୍ କିୟା' ଦେଖିଥିଲେ। ସେବେଠାରୁ ସେ ସଲମାନଙ୍କୁ ବାହା ହେବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ସୋମି କହିଛନ୍ତି। ଏପରିକି ସେ ତା' ପରଦିନ ଭାରତକୁ ଆସି ସଲମାନଙ୍କୁ ଭେଟିବାକୁ ଚାହୁଁଥିବା କଥା ମଧ କହିଥିଲେ। ମାତ୍ର ତାଙ୍କ ମା' ଆକଟ କରି ସଲମାନଙ୍କୁ ବିବାହ କରିବାର ନିଶା ଛାଡ଼ିବା ପାଇଁ ଘରେ କିଛି ଦିନ ବନ୍ଦ କରି ରଖିଥିବା କଥା ମଧ ସ୍ୱୀକାର କରିଛନ୍ତି ସୋମି। ତେବେ ପରବର୍ତ୍ତୀ ସମୟରେ ସଲମାନ-ସୋମିଙ୍କ ଡେଟ୍ ଚାଲିଥିବା କଥା ସାମ୍ନାକୁ ଆସିଥିଲା। ହେଲେ ଏହା ଦୀର୍ଘସ୍ଥାୟୀ ନଥିଲା।

# ରିଲିଜ୍ ହେଲା ପ୍ରଭାସଙ୍କ ରାଧେଶ୍ୟାମ ଫିଲ୍ମର ଟିଜର



ରିଲିଜ ହୋଇଛି ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ରାଧେଶ୍ୟାମର ଟିଜର । ଏଥିରେ ବେଶ ରୋମାଂଟିକ ଅନ୍ଦାଜରେ ନଜର ଆସୁଛନ୍ତି ବାହୁବଳୀ ହିରୋ । ଟିଜରର ଆରମ୍ଭ ଏକ ରେଳଷ୍ଟେସନରୁ ହୋଇଛି । ଜଙ୍ଗଲ ଘାଟି ଦେଇ ଟ୍ରେନଟି ଆସୁଥିବା ବେଳେ ପୂଜା ହେଗେଡଙ୍କ ସହ ବେଶ ରୋମାଂଟିକ ଅନ୍ଦାଜରେ ନଜର ଆସୁଛନ୍ତି ପ୍ରଭାସ । ଏହି ସିନର ସୁଟିଂ ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ କରାଯାଇଛି । ଏଥିପାଇଁ ସ୍ୱତନ୍ତ୍ର ସେଟ ତିଆରି କରାଯାଇଥିବା ବେଳେ ସବୁଠାରୁ ବଡ କଥା ହେଲା ଏହି ସଟ୍ ପାଇଁ ଖର୍ଚ୍ଚ ହୋଇଛି ଏକ କୋଟି ୬ ଲକ୍ଷ ଟଙ୍କା । ୨୫୦ ଜଣ କଳାକାରଙ୍କ ଏକ ଟିମ ୩୦ ଦିନ ଧରି ଏହି ସେଟକୁ ପ୍ରସ୍ତୁତ କରିଛନ୍ତି । କୁହାଯାଉଛି ପୂର୍ବରୁ ଏହି ସିନକୁ ଇଟାଲୀରେ ସୁଟ କରିବା ପାଇଁ ଯୋଜନା ଥିଲା, କିନ୍ତୁ କରୋନା କାରଣରୁ ବିଦେଶ ଯିବା ସମ୍ଭବ ନହେବାରୁ ହାଇଦ୍ରାବାଦର ଅନ୍ନପୂର୍ଣ୍ଣା ଷ୍ଟୁଡିଓରେ ଏହି ସେଟକୁ ତିଆରି କରାଯାଇଛି । ଏହି ସଟରେ ଦେଖାଯାଇଥିବା ରେଳ ଷ୍ଟେସନ ଉପରେ ବିଶେଷ ଧ୍ୟାନ ଦିଆଯାଇ ଅନେକ ଟିଖନିଖ କାମ କରାଯାଇଛି । ଆସନ୍ତା ଜୁଲାଇ ୩୦ତାରିଖରେ ଏହି ଫିଲ୍ମ ରିଲିଜ ହେବ । ପ୍ରଥମ ଦିନରେ ଏହି ଫିଲ୍ମ ବ୍ୟବସାୟର ଅନେକ ରେକର୍ଡ ଭାଙ୍ଗିବ ବୋଲି ଦାବି କରାଯାଇଛି । ତେବେ ଗୋଟିଏ ସିନକୁ କୋଟି କୋଟି ଖର୍ଚ୍ଚ ହେବା ନୂଆ ନୁହେଁ । କିଛି ଦିନ ତଳେ କଙ୍ଗନା ରଣାଓ୍ୱତ ଏକ ଟୁଇଟ କରି ତାଙ୍କ ଅପକମିଂ ଫିଲ୍ମ ଧାକଡର ଏକ ଦୃଶ୍ୟ ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦାବି କରିଥିଲେ । ଗୋଟିଏ ଆକ୍ସନ ସିନ ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ କରିଥିବା ଦାବି କରିଥିଲେ କଙ୍ଗନା । ଏହି ଭିଡିଓରେ କଙ୍ଗନା ଜବରଦସ୍ତ ଷ୍ଟଂଟ କରୁଥିବା ନଜର ଆସିଛନ୍ତି । ହେଲେ ସୋସିଆଲ ମିଡିଆରେ କଙ୍ଗନାଙ୍କ ଏହି ଦାବିକୁ ବେଶ ସମାଲୋଚନା ମଧ କରାଯାଇଛି ।

# ସଂଗୀତ ହିଁ ମୋ ଜୀବନ: ଯୁବ କଣ୍ଠଶିଳ୍ପୀ ତାପସ ଶଙ୍ଖୁଆ



ଓଡ଼ିଶାର ସଙ୍ଗୀତ କ୍ଷେତ୍ରରେ ଯେଉଁ କଣ୍ଠଶିଳ୍ପୀ ମାନେ ସଂଗୀତ ପରିବେଷଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନଙ୍କ ମଧ୍ୟରେ ଯୁବ କଣ୍ଠଶିଳ୍ପୀ ତାପସ ଶଙ୍ଖୁଆ ଅନ୍ୟତମ। ୧୯୯୩ ମସିହାରେ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମ ଗ୍ରାମରେ ତାପସ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ବସନ୍ତ ଶଙ୍ଖୁଆ ଓ ମାତା ମନ୍ଦିରୀ ଶଙ୍ଖୁଆ। ପତ୍ନୀ କଳ୍ପନା ବେହେରା ଓ ପୁତ୍ର ଯକସିତଙ୍କୁ ନେଇ ତାଙ୍କର ସୁଖର ସଂସାର ଆଗେଇ ଚାଲିଛି। ଇରମ ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ତାପସ ଗୁଆମାଳରେ ଥିବା ସଂଗୀତ ମହାବିଦ୍ୟାଳୟରୁ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ। ପିଲାଟିବେଳୁ ସେ ଗୀତ ଗାଉଥିଲେ। କିନ୍ତୁ ୨୦୦୭ ମସିହାରୁ ତାଙ୍କର ଭଲ ଭାବରେ ମେଲୋଡ଼ି ପ୍ରୋଗ୍ରାମରେ ସଂଗୀତ ଜୀବନ ଆରମ୍ଭ ହୋଇଥିଲା। ତାପସଙ୍କର ସଂଗୀତ ଜୀବନର ଗୁରୁ ହେଲେ ତାଙ୍କର ପିତା ବସନ୍ତ ଶଙ୍ଖୁଆ, ସୁଶାନ୍ତ ସେନାପତି ଓ ନିରଂଜନ ସାର୍। ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା- ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ସମ୍ୱଲପୁର, ସୋନପୁର, ମୟୂରଭଂଜ, ବାରିପଦା ପ୍ରଭୃତି ସ୍ଥାନରେ ସେ ଗୀତ ଗାଇଛନ୍ତି। ଏହାବ୍ୟତୀତ ରାଜ୍ୟ ବାହାରେ କୋଲକାତା ଓ ହାଇଦ୍ରାବାଦରେ ମଧ୍ୟ ସେ ପ୍ରୋଗ୍ରାମ କରିଛନ୍ତି। ତାପସ ଯେଉଁ ଆଲବମରେ ଗୀତ ଗାଇଛନ୍ତି ସେଗୁଡ଼ିକ ହେଲା- ମୋ ଜୀବନ, ତୋ ପାଇଁ ଅଜଂନା ମୁଁ, ତୁ ମୋର ଗୁଡ଼ି, ତୁ ମୋ ସୁଇଟ୍ ସିକ୍‌ସଟିନ୍ (ସିନେମା), ନାଁ ନାଁ ନାଁ ତାଙ୍କୁ ଭଲ ପାଆନା, ସକାଳରୁ ସଂଜଯାଏ, ମନ ଦେଇଦେଲି ତୋତେ, ଲାଗୁ ନିଜର। ମହାପ୍ରଭୁ ଜଗନ୍ନାଥଙ୍କ ଭଜନ- ଦୁଃଖୀ ମଣିଷର ଇଜତ କେତେ, ଆଜି ତୁମ ଦାଣ୍ଡରେ, ଆହେ ବିଶ୍ୱ କାରିଗର, ମଣିମା ହେ, କରୋନାରୁ ରକ୍ଷାକର ଶଙ୍କର, ହେ ସାରଥୀ, ଥରିବ କୈଳାସଗିରି ଓ ଶିବ ଭଜନ ଏବଂ ମା'ତାରିଣୀଙ୍କ ଭଜନକୁ ଶ୍ରୀ ଶଙ୍ଖୁଆ ଗାଇଥାନ୍ତି। ସାର୍ଥକ ପ୍ରୋଗାମରେ ତାପସ ଅଂଶ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଭଜନ, ଆଧୁନିକ, ସମ୍ୱଲପୁରୀ ଓ ଅନ୍ୟାନ୍ୟ ଗୀତ ମଧ୍ୟ ସେ ଗାଆନ୍ତି। ଆଗାମୀ ଦିନରେ ଓଡ଼ିଆ ସିନେମା ଓ ସିରିଏଲରେ ଗାଇବା ପାଇଁ ସେ ଭବିଷ୍ୟତ ଲକ୍ଷ୍ୟ ରଖିଛନ୍ତି। ତାପସ କୁହନ୍ତି ସଂଗୀତ ସଂପର୍କରେ- ସଂଗୀତ ହିଁ ମୋ ଜୀବନ। ସଂଗୀତକୁ ମୁଁ ଜୀବନରେ ଭୁଲିପାରିବି ନାହିଁ। ଓଡ଼ିଶାର ଅଧିକାଂଶ ସଂଗୀତ ସ୍ରଷ୍ଟାମାନେ ତାଙ୍କୁ ଭଲ ପାଆନ୍ତି। ଭଜନ ସମ୍ରାଟ ଭିକାରୀ ବଳ, କଣ୍ଠଶିଳ୍ପୀ ଅରବିନ୍ଦ ମୁଦୁଲି, ସଂଗୀତ ଜଗତର ମଉଡ଼ମଣି ଅକ୍ଷୟ ମହାନ୍ତି, କଣ୍ଠଶିଳ୍ପୀ ତୃପ୍ତି ଦାସ ଓ ଆହୁରି ଅନେକ କଣ୍ଠଶିଳ୍ପୀଙ୍କ ଗୀତ ତାପସଙ୍କୁ ଭଲ ଲାଗେ। ଈଶ୍ୱରଙ୍କ କୃପାରୁ ତାପସଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହା ହିଁ କାମନା।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଜିଲ୍ଲାସ୍କୁଲ ପାଠାଗାର ପାଇଁ ପୁରାତନ ଛାତ୍ରଙ୍କ ୩ ଲକ୍ଷ ଟଙ୍କା ସହାୟତା



ବାଲେଶ୍ୱର,୧୮।୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପ୍ରମୁଖ ଖ୍ୟାତନାମା ତଥା ପୁରାତନ ବିଦ୍ୟାଳୟ 'ଜିଲ୍ଲା ସ୍କୁଲ'ର 'ମୋ ସ୍କୁଲ ଅଭିଯାନ' ଯୋଜନା ଭିତ୍ତିକ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଶିକ୍ଷା ଜିଲା ସଂଯୋଜକ(ଡିପିସି) କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ୧୯୫୨ ମସିହା ବ୍ୟାଚର ଛାତ୍ର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତୁଳସୀ ରଂଜନ ମିଶ୍ର ଜିଲ୍ଲାସ୍କୁଲର ଏକ ଉନ୍ନତ ମାନର ପାଠାଗାର ଓ ପଠନ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାର ଚେକ୍ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଥିଲେ । ଏହି ଅର୍ଥ ଗ୍ରହଣ ଅବସରରେ ଜିଲାପାଳ ଶ୍ରୀ ମିଶ୍ରଙ୍କୁ ସାଧୁମାଦ ଜଣାଇବା ସହ ତାଙ୍କର ଏହି ସହାୟତା ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ । ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଏଥିରେ ଉପସ୍ଥିତ ରହି ପୁରାତନ ଛାତ୍ର ଶ୍ରୀ ମିଶ୍ରଙ୍କ ମହାନତାକୁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ସରକାରଙ୍କ ଏହି ମୋ ସ୍କୁଲ ଅଭିଯାନ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସାଙ୍ଗକୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବେଶ ସହାୟକ ହେବ ବୋଲି ଶ୍ରୀ ଗିରି କହିଥିଲେ । ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଡ. ପ୍ରଫୁଲ କୁମାର ସାହୁ, ମୋ ସ୍କୁଲ ଅଭିଯାନର ଜିଲ୍ ସଂଯୋଜକ ଡକ୍ଟର ସନ୍ଦୀପ କୁମାର ଖଟୁଆ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ର ଶ୍ରୀ ମିଶ୍ରଙ୍କର ଏହି ସହାୟତାରେ ବିଦ୍ୟାଳୟର ଲାଇବ୍ରେରୀ ଅଭାବ ପୂରଣ ହୋଇ ପାରିବ ବୋଲି କହିଥିଲେ । ପୁରାତନ ଛାତ୍ର ଶ୍ରୀ ମିଶ୍ର ପୂର୍ବରୁ ଟାଉନ ହାଇସ୍କୁର ବିଜ୍ଞାନଗାର ପାଇଁ ୩ ଲକ୍ଷ ଟଙ୍କା ଦେଇଥିବା ବେଳେ ଜିଲାସ୍କୁଲର ପାଠାଗାର ଓ ପଠନ ଗୃହ ପାଇଁ ଏହି ଅର୍ଥ ପ୍ରଦାନ କରିଛନ୍ତି ବୋଲି କହିଥିଲେ । ତାଙ୍କ ବାପା-ମାଆ ସ୍ମୃତିରେ 'ହେମ-ଗୋଲକ'ଙ୍କ ନାମରେ ନାମିତ କରି ଲାଇବ୍ରେରୀର ଉନ୍ନତୀକରଣ ପାଇଁ ଏହି ଅର୍ଥକୁ ବିନିଯୋଗ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛନ୍ତି । ତାଙ୍କର ଏହି ପ୍ରିୟ ବିଦ୍ୟାଳୟରେ ଏକ ପାଠାଗାର ଓ ପଠନ ଗୃହ ପ୍ରତିଷ୍ଠା ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ । ଜିଲାସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ନରହନ୍ତା ଦନ୍ତାହାତୀ କଚାଡି ମାରିଲା ମହିଳାଙ୍କୁ : ଗଭୀର ନିଦ୍ରାରେ ବନ ବିଭାଗ

କେନ୍ଦୁଝର,୧୮।୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀଙ୍କର ଉପଦ୍ରବ ଲାଗି ରହିଥିବା ବେଳେ ଆଜି ଏକ ଗୋଠଛଡା ଦନ୍ତା ହାତୀ ଜଣେ ମହିଳାଙ୍କୁ ଘରୁ ଘୋଷାଡି ଆଣି ତଳେ କଚାଡି ମାରି ଦେଇଛି । ଏହି ଘଟଣାରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ଏହି ଘଟଣା ଜିଲ୍ଲାର ତେଲକୋଇ ଅଂଚଳରେ ଘଟିଛି । ବନ ବିଭାଗର ନିଷ୍କ୍ରିୟତା କାରଣରୁ ତେଲକୋଇ ଅଂଚଳରେ ହାତୀଙ୍କର ଉପଦ୍ରବ ଥମିବାର ନାମ ନେଉ ନାହିଁ ବୋଲି ଅଂଚଳବାସୀ ଖୋଲା ଖୋଲା ମତ ବ୍ୟକ୍ତ କରୁଛନ୍ତି । କେନ୍ଦୁଝର ଜିଲ୍ଲାର ତେଲକୋଇ ରେଞ୍ଜ ର ଜଗମୋହନପୁର ଫରେଷ୍ଟ ଅନ୍ତର୍ଗତ ଜଗମୋହନପୁର ଗ୍ରାମର ଜାନକୀ ପ୍ରଧାନଙ୍କ ଗୃହ ପରିସରର ମଧ୍ୟରେ ଏକ କୋଠରୀରେ ଗତ କାଲି ରାତ୍ରୀରେ ଶୋଇଥିବା ବେଳେ ସମ୍ମୁଖରେ ଥିବା ଅନ୍ୟ ଏକ କୋଠରୀରେ ତାଙ୍କ ପିଲାମାନେ ଶୋଇଥିଲେ । ବୁଧବାର ପ୍ରାତଃ ପ୍ରାୟ ସାଢେ ତିନଟାରୁ ଚାରିଟା ସମୟରେ ଗ୍ରାମରେ ହାତୀ ପଶି ଆସିଥିବା ସଂପର୍କରେ ଗ୍ରାମ ଲୋକମାନେ ପାଟିତୁଣ୍ଡ କରୁଥିବା ଶୁଣି ପିଲାମାନଙ୍କୁ ହାତୀ କାଳେ ଆକ୍ରମଣ କରିବ ସେହି ଭୟରେ ଜାନକୀ ନିଜ କୋଠରୀରୁ ବାହିରି ସମ୍ମୁଖ କୋଠରୀରେ ଶୋଇଥିବା ପିଲାମାନଙ୍କ ନିକଟକୁ ଆସିଥିବା ସମୟରେ ଅନ୍ଧକାରରେ ଅଗଣାରେ ଛିଡା ହୋଇଥିବା ଦନ୍ତା ହାତୀଟି ତାଙ୍କ ଘର ଦ୍ୱାର ମୁହଁରୁ ଘୋଷାଡି ନେଇ ତଳେ କଚାଡି ଦେଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଜାନକୀଙ୍କର ଘର ଅଗଣାର ତିନି ପାର୍ଶ୍ୱ ବନ୍ଦ ରହିଥିବା ବେଳେ ଏକ ପାର୍ଶ୍ୱ ଖୋଲା ରହିଥିବାରୁ ସେହି ବାଟେ ସେ ଘର ଅଗଣାକୁ ଚାଲି ଆସିଥିଲା । ଘଟଣା ପରେ ପରେ ପୁରା ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନ ବିଭାଗ ଓ ପୋଲିସ ଅଧିକାରୀ ଗ୍ରାମରେ ପହଂଚି ଲୋକଙ୍କ ସହ ଆଲୋଚନା କରିଥିଲେ । ତଥାପି ହାତୀ ଘଉଡାଇବା ଲାଗି ବନ ବିଭାଗ ଉଦ୍ୟମ କରୁ ନଥିବା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଅଂଚଳବାସୀ କହିବା ସହ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜି ବାନ୍ଧିବାରେ ଲାଗିଛି । ବିଭାଗୀ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାର ଆବଶ୍ୟକ ରହିଛି । ମହିଳାଙ୍କୁ କଚାଡି ମାରିବା ପରେ ଦନ୍ତିଟି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା । ଅନ୍ୟ ପକ୍ଷରେ ସମଗ୍ର ଅଂଚଳରେ ହାତୀଙ୍କର ଉପଦ୍ରବ ଲାଗି ରହିଥିବା ବେଳେ ରାତ୍ରୀ ସମୟରେ ହିଁ ବିଦ୍ୟୁତ ସରବରାହ ବନ୍ଦ କରି ଦିଆଯାଉଅଛି । ଯଦିଓ ବିଦ୍ୟୁତ ଆଲୁଅ ଜଳୁଥିଲେ ହାତୀ ଗ୍ରାମରେ ପ୍ରବେଶ କରୁ ନଥିବା କଥା ଲୋକମାନେ କହିଛନ୍ତି । ରାତ୍ରୀରେ ବିଦ୍ୟୁତ ଆଲୋକ ବନ୍ଦ କରି ଦିଆ ଯାଉଥିବା କାରଣରୁ ଅନ୍ଧକାରର ସୁଯୋଗ ନେଇ ହାତୀ ଗ୍ରାମରେ ପ୍ରବେଶ କରି ଉତ୍ପାତ କରୁଥିବା ବେଳେ ଗଁଢ଼ା ଲୋକମାନଙ୍କୁ ହାତୀର ଅବସ୍ଥିତି ଜାଣିବା କଷ୍ଟକର ହୋଇ ପଡୁଥିବା ସେମାନେ କହୁଛନ୍ତି । ବିଦ୍ୟୁତ ଆଲୋକକୁ ବନ୍ଦ କରି ଉଦ୍ଦେଶ୍ୟମୂଳକ ଭାବେ ଗ୍ରାମାଂଚଳ ଲୋକଙ୍କ ଧନ ଜୀବନକୁ ବିପଦ ମୁହଁକୁ ଠେଲିଦେବା ଲାଗି ଏଭଳି ଷଡଯନ୍ତ୍ରକୁ ବିଭନ୍ନ ମହଲରୁ ତୀବ୍ର ସମାଲୋଚନା କରାଯିବା ସହ ନିନ୍ଦା କରାଯାଇଛି । ଏବଂ ସରକାରଙ୍କ ପକ୍ଷରୁ ଜିଲ୍ଲା କର୍ତ୍ତୃପକ୍ଷ ଲୋକମାନଙ୍କର ଧନ ଜୀବନ ସୁରକ୍ଷିତ ରଖିବାର ଉତର ଦାୟିତ୍ୱ ନିଅନ୍ତୁ ବୋଲି ମତ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଯେ ଗତ ଚାରିଦିନ ପୂର୍ବେ ଉକ୍ତ ଦନ୍ତା ହାତୀଟି ବିଳମ୍ବିତ ରାତ୍ରୀରେ ସେହି ଜଗମୋହନପୁର ପଂଚାୟତର ଅଙ୍ଗଦସରୁଆଲି ଗ୍ରାମରେ ପଶି ଲୋକଙ୍କର ଘର ଭାଙ୍ଗି ସଂଚିତ ଧାନ ଖାଇଯିବା ସହ ସାଇକେଲ ଓ ମୋଟର ସାଇକେଲ ଭାଙ୍ଗି ଦେଇଥିଲା । ଏବଂ ବୁଧବାର ପ୍ରାତଃ ସମୟରେ ଜାନକୀଙ୍କୁ କଚାଡି ମାରିବା ସହ ଅନ୍ୟ ଜଣଙ୍କର ଘର ସମ୍ମୁଖ ଗ୍ରିଲ ଭାଙ୍ଗି ଦେବାକୁ ଉଦ୍ୟମ କରିଥିଲା । ତଥାପି ବନ ବିଭାଗର ନିଦ୍ରା ଭଙ୍ଗ ନ ହେବା ଅତୀବ ଦୁର୍ଭାଗ୍ୟପୂର୍ଣ୍ଣ ।

# ବିବାହ ପରେ ନାବାଳିକାକୁ ଉଦ୍ଧାର କଲା ପୋଲିସ

ମୁଖୀଗୁଡା,୧୭ ଫେବୃଆରୀ (ହି. ସ)ବାହା ହେବା ପାଇଁ ଆସି ଥିଲା ବର ହେଲେ ବେଦି ରେ କନ୍ୟା ନଥିଲା । ସେ ଫେରାର ହୋଇ ଯାଇଥିଲା ଶେଷରେ କନ୍ୟା ର ନାବାଳିକା ଭଉଣୀ କୁ ବାହା କରା ଯାଇଥିଲା ଏହି ଖବର ଜୟପାଟଣା ପୁଲିସ ଏବଂ ସିଡ଼ି ପିଓ ଙ୍କ ନିକଟକୁ ପହଂଚି ବା ପରେ ନାବାଳିକା କୁ ଉଦ୍ଧାର କରାଯାଇ ବାପା ମାଙ୍କୁ ହସ୍ତାନ୍ତର କରା ଯାଇଛି । ସୂଚନାରୁ ପ୍ରକାଶ ଯେ ଗତ କାଲି ଜୟପାଟଣା ଥାନା ଅନ୍ତର୍ଗତ ବଡ କଲରାକୋଟ ମାଲପଡାର ଏକ ଝିଅ ସହ କଲମପୁର ବ୍ଲକ ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମ ର ଜଣେ ଯୁବକ ସହ ଗତ କାଲି ରାତିରେ ବିବାହ ସ୍ଥିର ହୋଇଥିଲା । ବର ଯାତ୍ରୀ ନେଉ ବର କନ୍ୟାଘର କୁ ପହଂଚିବା ପରେ ଜଣା ପଡିଲା ଯେ କନ୍ୟା ଅନ୍ୟ ଜଣେ ଯୁବକ ସହ ଫେରାର ସୋଇଯାଇଥିଲା । ଶେଷରେ ବର ଏବଂ କନ୍ୟା ପକ୍ଷ ନିଷ୍ପତି ନେଲେ ଯେ ଠିକ ହୋଉ ଥିବା ଝିଅ ଫେରାର ହେଲା ତାର ସାନ ଭଉଣୀ କୁ ବାହା କରିବୁ ବୋଲି ଏବଂ ବାହା କରା ଗଲା । ହେଲେ ବାହା କରାଯାଇଥିବା ଝିଅ ନାବାଳିକା ଏବଂ ଏହା ଆଇନ ବିରୁଦ୍ଧ ବୋଲି ଜଣେ ସ୍ୱେଚ୍ଛାସେବୀ ଜୟପାଟଣା ସିଡିପିଓ ଏବଂ ଜୟପାଟଣା ଆଆଇସି ଙ୍କୁ ଜଣାଇବା ପରେ ବିବାହିତା ନାବାଳିକା କୁ ଉଦ୍ଧାର କରାଯାଇ ବାପା ମା ଙ୍କୁ ହସ୍ତାନ୍ତର କରା ଯାଇଛି । ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ ।

## ନୃତ୍ୟଶିଳ୍ପୀ ବିନୋଦ ପାଇଲେ ଗୁରୁ ଦେବ ପ୍ରସାଦ ପ୍ରତିଭା ପୁରସ୍କାର

କନ୍ଧମାଳ,୧୮।୨ (ନି.ପ୍ର): ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଗତ ୩ ଦିନ ଧରି ଚାଲିଥିବା ଗୁରୁ ଦେବ ପ୍ରସାଦ ପୁରସ୍କାର ଉତ୍ସବରେ ଚଳିତ ବର୍ଷ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ କନ୍ଧମାଳ ଜିଲା ଫୁଲବାଣୀ ସଦରମହୁମାର ଓଡ଼ିଶୀ ନୃତ୍ୟ ଗୁରୁ ବିନୋଦ ଚନ୍ଦ୍ର ସାହୁଙ୍କ ଗୁରୁ ଦେବ ପ୍ରସାଦ ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯାଇଛି । କନ୍ଧମାଳର ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଂଚାଇବାରେ ନୃତ୍ୟଶିଳ୍ପୀ ଶ୍ରୀ ସାହୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରଫୁଲ ସାମଲ , ଦେବୀ ପ୍ରସାଦ ମିଶ୍ର , ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ , ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରୀୟମ୍ବଦା ମହାନ୍ତି ଓ ଅନ୍ୟମାନେ ଅତିଥିଭାବେ ଯୋଗଦେଇଥିବା ବେଳେ ତ୍ରିଧାରାର କାର୍ଯ୍ୟରତ ସଂପାଦକ ସୀମା ଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ରୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ତେବେ ବିନୋଦଙ୍କ ଏହି ସମ୍ମାନରେ ସମ୍ମାନିତ କରାଯାଇଥିବା ଯୋଗୁଁ ତାଙ୍କର ସମସ୍ତ ଓଡ଼ିଶୀ ଶିଷ ଓ ଅଭିଭାବକ ଓ ସମଗ୍ର ଜିଲାରେ ସଂସ୍କୃତି ପ୍ରେମିମାନଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ମହାତ୍ମା ଗାନ୍ଧୀଙ୍କ ଭଦ୍ରକ ଆଗମନ ଶତ ବାର୍ଷିକୀ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ଭଦ୍ରକ,୧୮।୨ (ନି.ପ୍ର): ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ଥର ଭଦ୍ରକ ଆସିଥିଲେ । ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ଏହାର ସ୍ମୃତି ଗାନ୍ଧୀ ଆଗମନ ଶତ ବାର୍ଷିକୀ ଉତ୍ସବ ଚଳିତ ବର୍ଷ ୨୦୨୧ ମାର୍ଚ୍ଚ ୨୫ ତାରିଖରୁ ୨୦୨୨ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ପାଳନ କରିବାକୁ ନିଷ୍ପତି ଗ୍ରହଣ କରିଛି । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଗାନ୍ଧୀବାଦୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଜିଲ୍ଲାରେ ଥିବା ଗାନ୍ଧିବାଦୀ ସଂଗଠନ ମାନେ ଏହି ବର୍ଷକୁ କିପରି ପାଳନ କରିବାକୁ ସ୍ଥିର କରିଛନ୍ତି ସେ ନେଇ ଜିଲ୍ଲାପାଳ ଡ. ଦାସ ସଂଗଠନର କର୍ମକର୍ତ୍ତାଙ୍କୁ ପଚାରି ବୁଝିବା ସହିତ ଏ ସଂକ୍ରାନ୍ତରେ ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ଗାନ୍ଧୀ ଆଗମନ ଶତବାର୍ଷିକୀ ପାଳନ ନିମନ୍ତେ ରାଜ୍ୟ ସରାକରଙ୍କଠାରୁ ନିୟମାବଳୀ ହସ୍ତଗତ ହେବା ପରେ ପ୍ରଶାସନ ପକ୍ଷରୁ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମର ରୂପରେଖ ତଥା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି ଶତବାର୍ଷିକୀ ପାଳନରେ ସମସ୍ତ ଗାନ୍ଧିବାଦୀ ସଂଗଠନର ସହଯୋଗ କାମନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ହୃଷିକେଶ ମହାନ୍ତି, ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତୁଷାରକାନ୍ତି ମହାନ୍ତି, ଫେଲୋସିପର ସମ୍ପାଦକ ଏସ୍ ଏମ୍ ଫାରୁକ, ନାସିର ବକ୍ସ, ନିରଞ୍ଜନ ବିଶ୍ୱାଳ, ଅତିସ୍ ବେହେରା, ସୀତାକାନ୍ତ ଦାସ, ପବନ କୁମାର ଶର୍ମା, କୁମାର ବିଭୁ କଲ୍ୟାଣ ପ୍ରମୁଖଙ୍କ ସମେତ ଚାରବାଟିଆ ଗାନ୍ଧି ସ୍ମୃତି କମିଟି, ଗାନ୍ଧି ବିଚାର ମଞ୍ଚ ଆଦି ସଂଗଠନର କର୍ମକର୍ତ୍ତା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।



# ବାଇକ ଚୋରି ର୍ୟାକେଟ ଠାବ : ୨ ନାବାଳକଙ୍କ ସମେତ ୫ ଗିରଫ

ଜୟପୁର ,୧୮।୨ (ନି.ପ୍ର) : ବାଇକ ଚୋରି ରାକେଟର ପର୍ଦ୍ଦାଫାସ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଗ୍ୟାଙ୍ଗରେ ୩ଜଣ ଜଣ ଯୁବକ ଙ୍କ ସମେତ ୨ଜଣ ନାବାଳକ ରହିଛନ୍ତି । ଏମାନଙ୍କ ଠାରୁ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଅନେକ କମ୍ପାନୀର ୧୧ ଟି ବାଇକ ଓ ଗୋଟିଏ ସାଇକେଲ ଜବତ ହୋଇଛି । ଏନେଇ ଏକ ପ୍ରେସମିଟ୍ ଯୋଗେ ସୂଚନା ଦେଇଛନ୍ତି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ।

ସେ କହିଛନ୍ତି ଯେ ଦୀର୍ଘ ଦିନ ଧରି ଏମାନେ ବାଇକ ଚୋରୀ କରି ବାହାରେ ବିକ୍ରି କରୁଥିଲେ । ଗତକାଲି ମଧ୍ୟ ଏକ ଚୋରି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲା ଏହି ଦଳ । ବାଇକ ଚୋର ର୍ୟାକେଟକୁ ଧରିବା ପାଇଁ କୋରାପୁଟ ଏସପି ବରୁଣ କୁମାର ଗୁଣ୍ଟପାଲି ନିର୍ଦ୍ଦେଶ କ୍ରମେ ୨ ଟି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ଏହି ଟିମ୍ ମାଲକାନଗିରି, ନବରଙ୍ଗପୁର, ଓ ଜୟପୁର ଉପଖଣ୍ଡର କୁନ୍ଦୁରା, ବୋଇପାରିଗୁଡା, ବୋରିଗୁମା ଅଂଚଳରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଏହି ୫ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତ ମାନେ ହେଲେ ଡୋମ୍ବରୁ ହରିଜନ, ରାଜ କୁମାର ପାଣି ଓ ସଞ୍ଜୟ ଓ ୨ଜଣ ନାବାଳକ ।

# ଗ୍ରାମାଂଚଳରେ ଲକ୍ଷ୍ମାୟିତ ପ୍ରତିଭା ବିକାଶ କରୁଥିବା ରଜମଉଜ ଓ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର,୧୮।୨ (ନି.ପ୍ର): ଗ୍ରାମାଂଚଳରେ କୁନି ପ୍ରତିଭାଧାରୀ ମାନଙ୍କୁ ବିକଶିତ କରି ଆସୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଦକ୍ଷିଣ ପ୍ରହରାଜପୁର ଠାରେ ସୁପ୍ରୀତମ୍ କଳାକେନ୍ଦ୍ର ପକ୍ଷରୁ ୧୦ମ ରଜ ମଉଜ ଓ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସରକାରଙ୍କ କୋଭିଡ୍ କଟକଣା ଯୋଗୁଁ ୨୦୨୦ ମସିହାରେ ରଜମଉଜ ଉତ୍ସବ ଅନୁଷ୍ଠିତ ହୋଇ ପାରିନଥିବା ବେଳେ ସୋମବାର ଓ ମଂଗଳବାର ଅନୁଷ୍ଠିତ ରଂଗାରଂଗ ପରିବେଶରେ ପ୍ରହରାଜପୁର ସ୍ଥିତ ମା ବାସୁଳୀ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ୨୦୦୮ ମସିହାରୁ ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ପ୍ରତ୍ୟେକ୍ଷ ସହାୟତାରେ ଏହି କଳାକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇ ଆସୁଥିବା ବିଭିନ୍ନ କଳାକୃତି, ପୁଚି, ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟୁ ପ୍ରତିଯୋଗିତା ମାନ କରାଯାଇ ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରାଯାଇ ଆସୁଛି । ସମାଜସେବୀ ଗୁନାଧର ଭୂୟାଁଙ୍କ ପୌରହିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ସୁକୁମାର ପଧାନ, ମୁଖ୍ୟବକ୍ତା ଭାବେ ପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ସମ୍ମାନିତ ଅତିଥିଭାବେ ସରପଂଚ ସତ୍ୟନାରାୟଣ ଦାସ, ସମିତି ସଭ୍ୟା ଅଂଜଳି ବାରିକ, ବଂଶୀବାଦକ ଗୁରୁ ବୃନ୍ଦାବନ ବେହେରା, ସ୍ୱର୍ଗତ ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ସହଧର୍ମିଣୀ ପରିବାଳା ବେହେରା ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ପ୍ରତିଭାଧର ମାନଙ୍କୁ ଉତ୍ସାହିତ କରି ଆଗକୁ ଆଣିବାରେ ସହାୟକ ହେବା ସହିତ ଓଡିଶା-ପର୍ଶ୍ଚିମବଂଗ ଉପାନ୍ତରେ କଳା, ସଂସ୍କୃତି, ଓ ଭାଇଚାରାର ବିନିମୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁ-ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କୁ ଏହି ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମୀର ବେହେରା, ମହେଶ୍ୱର ଘୋଷ, ପବୋଧ ବାରିକ, ତପନ ପ୍ରମାଣିକ, ନିମାଇଁ ବାରିକ, ପ୍ରଦୀପ ସିଟ, ସୁଶୀଲ ପ୍ରଧାନ, ଗୋପରଂଜନ ସାମଲ, ଆତ୍ମାରାମ ଦାସ, ଚନ୍ଦନ ବେହେରାଙ୍କ ସହିତ ବାସୁଳିମାତା କ୍ଲବର ସଭ୍ୟମାନେ ପରିଚାଳନା କରିଥିଲେ ।

# ପ୍ରଥମଥର ପାଇଁ ଖୋର୍ଦ୍ଧାରୋଡ ରେଳମଣ୍ଡଳର ୩ଟି ସ୍ଥାନରୁ ସିମେଂଟ ପରିହନ କରିଛି ରେଳପଥ

ଜଟଣୀ,୧୮।୨ (ନି.ପ୍ର): ସାଂପ୍ରତିକ ମହାମାରୀ କୋଭିଡ-୧୯ ପରେ ପ୍ରଥମଥରଲାଗି ଖୋର୍ଦ୍ଧାରୋଡ ରେଳମଣ୍ଡଳର ଯାଜପୁର,କେଉଁଝର ଓ ହରିଦାସପୁରରୁ ସିମେଂଟ ପରିବହନ ଆରମ୍ଭ କରିଛି । ହରିଦାସପୁରର ରାମକୋ ସାଇଡିଂରୁ ୨୧ଟି ୱାଗନ ସିମେଂଟର ଏକ ସଂପୁର୍ଣ୍ଣ ରେକ୍ ପରିବହନ କରିଥିବା ବେଳେ ଯାଜପୁର ଓ କେଉଁଝର ରୋଡରୁ ୨୧ଟି ୱାଗନ ସିମେଂଟର ଗୋଟିଏ ରେକ୍ ପରିବହନ କରିଛି । ବ୍ୟବସାୟ ବିକାଶ ୟୁନିଟ ଅଧିନରେ ଏହା ଏକ ପଦକ୍ଷେପ ବୋଲି ଖୋର୍ଦ୍ଧାରୋଡ ରେଳପଥ ପକ୍ଷରୁ କୁହାଯାଇଛି । ବ୍ୟବସାୟ ବିକାଶ ୟୁନିଟ୍ ପଦକ୍ଷେପରେ ପ୍ରଥମଥରଲାଗି ପରିବହନ ହୋଇଥିବା ୨୧ୱାଗନ ତଥା ୧୩୫୯ଟନ୍ ହରିଦାସପୁରରୁ ଓଡିଶାର ବାଲେଶ୍ୱରକୁ ପରିବହନ ହୋଇଥିବା ସିମେଂଟପାଇଁ ରେଳପଥକୁ ୩,୯୧,୨୮୫ଟଙ୍କା ରାଜସ୍ୱ ଆସିଥିବା କୁହାଯାଇଛି । ସେହିପରି ୨୧ଟନ୍ ୱାଗନର ଆଉ ଏକ ସଂପୂର୍ଣ୍ଣ ରେକ୍ ଯଥା ୧୩୮୦ଟନ୍ ସିମେଂଟ ଯାଜପୁର-କେଉଁଝର ରୋଡରୁ ପ୍ରଥମଥର ଲୋଡ ହୋଇ ପର୍ଶ୍ଚିମବଙ୍ଗର ଡାଙ୍କୁଣିକୁ ପରିବହନ କରାଯାଇ ରେଳପଥର ରାଜସ୍ୱରେ ୮,୦୨,୨୫୪ ଟଙ୍କାର ବୃଦ୍ଧି ପାଇଛି । ଫଳରେ ବ୍ୟବସାୟ ବିକାଶ ୟୁନିଟ ଅଧିନରେ ଚାଲିଥିବା ନିରନ୍ତର ପ୍ରୟାସ ସହିତ ନୂତନ ଟ୍ରାଫିକ ପ୍ରସ୍ତାବଗୁଡିକର କାର୍ଯ୍ୟକାରୀତା କ୍ଷେତ୍ରରେ ଏହି ବିଭାଗ ସଫଳତା ହାସଲ କରୁଛି ବୋଲି କୁହାଯାଇଛି ।

# ନାଗେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଷୋଡଶତମ ସାମ୍ବତ୍ସରିକ ଉତ୍ସବ

ଜଟଣୀ,୧୮।୨ (ନି.ପ୍ର): ଜଟଣୀସ୍ଥିତ ପାତ୍ରପଡା ଜଗନ୍ନାଥପୁର ଶ୍ରୀ ନାଗେଶ୍ୱର ମହାଦେବଙ୍କ ପୀଠରେ ମହାରୁଦ୍ର ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଷୋଡଶତମ ସାମ୍ବତ୍ସରିକ ଉତ୍ସବ ଉଦଯାପିତ ହୋଇଯାଇଛି । ଶନିବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମଙ୍ଗଳବାର ସଂଧାରେ ଉଦଯାପିତ ହୋଇଛି । ଶନିବାର ଅଙ୍କୁରରୋପଣ ହୋଇଥିବା ବେଳେ ରବିବାର ଶାଳା ମଣ୍ଡନ,ଜଳଯାତ୍ରା ଓ ଅଗ୍ନି ସ୍ଥାପନ କାର୍ଯ୍ୟ ସମାପନ ହୋଇଥିଲା । ସେହିପରି ସୋମବାର ସୂର୍ଯ୍ୟପୂଜା, ଗୋପୂଜା, ଆହୁତି ଏବଂ ପରିଶେଷରେ ପୁଷ୍ପାଂଜଳୀ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ତଥା ଅନ୍ତିମ ଦିବସରେ ସର୍ବସାଧାରଣଙ୍କଲାଗି ପ୍ରସାଦ ସେବନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ସହିତ ସଂଧାରେ ପୂର୍ଣ୍ଣହୁତି ଦିଆଯାଇଥିଲା । ଏହି ଅବସରରେ ପ୍ରତ୍ୟେକଦିନ ସଂଧାରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ବିଶ୍ୱନାଥ ଷଡଙ୍ଗୀଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞର ପୁରୁଧାଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଧାୟକ ପ୍ରତିନିଧୀ ଲକ୍ଷ୍ମୀଧର ବିଶ୍ୱାଳ ପରିଚାଳନା କରିଥିବା ବେଳେ ଏଥିରେ ଅତିଥୀଭାବେ ଜଟଣୀବିଧାୟକ ସୁରେଶ କୁମାର ରାଉତରାୟ ଓ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ ।

## ଓଡିଶା ସରକାରଙ୍କ ପ୍ରତିଶୃତି ପରେ ଆନ୍ଧ୍ରଭୋଟ ବର୍ଜନ କଲେ ଜାମୁଡାଙ୍ଗ ଗ୍ରାମବାସୀ

ମାଲକାନଗିରି, ୧୭ ଫେବୃଆରୀ (ହି. ସ.)-ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳ ଧୂଳି ପୁଟ ପଂଚାୟତ ର ଜୁମଡାଙ୍ଗ ବାସୀ ଆଜି ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ପକ୍ଷରୁ ସେଠାରେ ହେବାକୁ ଥିବା ପଂଚାୟତ ନିର୍ବାଚନରେ ଅଂଶୀଦାର ହୋଇନାହାନ୍ତି । ଜୁମଡାଙ୍ଗ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି ରହିଥିବା ଖବର ପ୍ରସାରଣ ପରେ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନର ପାଦ ଥାପିଥିଲେ ଜୁମଡାଙ୍ଗରେ । ଓଡିଶା ପ୍ରଶାସନ ସମସ୍ତ ସୁବିଧାଯୋଗାଇଦେବାର ପ୍ରତିଶ୍ରୁତି ପାଇବା ପରେ ଓଡିଶା ଉପରେ ଭରସା ବାନ୍ଧି ଆନ୍ଧ୍ର ର ପେଦାବାଇଲୁରେ ମତଦାନ କରିବାକୁ ଯାଇନଥିବା କହିଛନ୍ତି ଜୁମଡାଙ୍ଗବାସୀ । ପୂର୍ବରୁ ଏହି ଗ୍ରାମରେ ୩୫ ପରିବାର ରହୁଥିଲେ କିନ୍ତୁ କୌଣସି ମୌଳିକ ସୁବି ଧା ଓଡ଼ିଶା ତରଫରୁ ନମିଳିବାରୁ ଆନ୍ଧ୍ର ଚାଲିଗଲେ । ବର୍ତମାନ ଜୁମଡାଙ୍ଗରେ ୨୫ ପରିବାର ଅଛନ୍ତି ,ଯଦି ଓଡ଼ିଶା ସରକାର ପ୍ରତିଶୃତି ରଖିବାରେ ବିଫଳ ହୁଅନ୍ତି ତେବେ ସେମାନେ ଆନ୍ଧ୍ର ପ୍ରଦେଶକୁ ଚାଲି ଯିବେ ବୋଲି ଚେତାବନୀଦେଇଛନ୍ତି ଡମ୍ବୁ ଖିଲ, ସୀତାରାମ ଗଲେରି ଙ୍କ ସମତେ ଗ୍ରାମବାସୀ ! ପ୍ରକାଶ ଥାଉକି ଆଜି ଙ୍କୁ ୪ବର୍ଷ ହେଲା ସ୍ୱାଭିମାନ ଅଂଚଳ ରେ ମାଓବାଦୀ ଭୟରେ ଓଡିଶା ସରକାରକ ପକ୍ଷରୁ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇନାହିଁ !

# କନ୍ଧମାଳ ଜିଲ୍ଲାରେ ସଡକ ସୁରକ୍ଷା ମାସ ଉଦଯାପିତ : ଟିମ ହ୍ୟୁମାନିଟି ଓ ପ୍ରତିଯୋଗୀ ସମ୍ବର୍ଦ୍ଧିତ

କନ୍ଧମାଳ,୧୮।୨ (ନି.ପ୍ର): ଜାନୁୟାରୀ ମାସ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସଡକ ସୁରକ୍ଷା ସଚେତନତା ମାସ ପାଳନ ପାଇଁ ଏକ ସଚେତନତା ରଥ ବାହାରି ଜିଲ୍ଲାରେ ବିଭିନ୍ନ ବ୍ଲକରେ ଲୋକଙ୍କୁ ସଡକ ସୁରକ୍ଷା ପାଇଁ ସଚେତନ କରାଯାଇଥିଲା । ମାସ ବ୍ୟାପୀ ସଚେତନତା ପରେ ଆଜି ଫୁଲବାଣୀରେ ଜାତୀୟ ସଡକ ସୁରକ୍ଷା ସଚେତନତା ମାସ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସଡକ ଓ ପରିବହନ ବିଭାଗ ତରଫରୁ ସକାଳେ ଏକ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଜିଲ୍ଲାର ଟିକାବାଲି ଥାନା ପକ୍ଷରୁ ଆୟୋଜିତ ହୋଇଥିଲା । ଏହି ଶୋଭାଯାତ୍ରାରେ ଟିକାବାଲି ଏ.ଏମ.ସିଏସ କଲେଜର ଛାତ୍ରଛାତ୍ରୀ, ଥାନା କର୍ମଚାରୀ, ଟିମହ୍ୟୁମାନିଟି କନ୍ଧମାଳର ସଦସ୍ୟ ମାନେ ଭାଗ ନେଇ ଟିକାବାଲି ଅଂଚଳରେ ଲୋକଙ୍କୁ ସଡକ ସୁରକ୍ଷାର ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଚାର କରିବା ସହିତ ବାଇକ ଚାଳକ ମାନଙ୍କୁ ହେମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ପରେ ଅପରାହ୍ନ ୪ଟା ସମୟରେ ଫୁଲବାଣୀ ମୋଟର ଚାଳନା ପରୀକ୍ଷଣ କେନ୍ଦ୍ର ପରିସରରେ ଏକ ଉଦଯାପନୀ ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଅବସରରେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭିକ ଅଭିଭାଷଣରେ ଜିଲ୍ଲା ସଡକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ କେବଳ ବାଇକ ଦୁର୍ଘଟଣାରେ ୬୮ ଜଣଙ୍କର ମୃତ୍ୟୁ ଘଟିଛି ଯାହାକି ଏହି ବର୍ଷର ମୋଟ ସଡକ ଦୁର୍ଘଟଣାର ୭୫ ପ୍ରତିଶତ ଅଟେ ବୋଲି କହିଥିଲେ । ତେଣୁ ପ୍ରଥମେ ବାଇକ ଚାଳକ ମାନେ ଘରୁ ବାହାରିବାବେଳେ ସମୟ ପୁର୍ବରୁ ବାହାରି ହେଲମେଟ ପିନ୍ଧିବା ସହିତ ବିଶା ଦ୍ରବ୍ୟ ସେବନ ନକରି ବାଇକ ଚାଳନା କଲେ ଦଡକ ଦୁର୍ଘଟଣା ହାର ହ୍ରାସ ପାଇବ ବୋଲି କହିଥିଲେ । ମୁଖ୍ୟ ଅତିଥି ସଡକ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହୟତା କରିବାକୁ ଲୋକଙ୍କୁ ଆଗକୁ ଆସିବାର ଆବଶ୍ୟକତା ରହିଛି ଯେଉଁଥିଲେ ପୋଲିସ ତରଫରୁ କୌଣସି ମାମଲା ହେବାର ଆଶଙ୍କା ନାହିଁ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଫୁଲବାଣୀ ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ରନାଥ ମୁର୍ମୁ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ରାସ୍ତାଘାଟ ପାହାଡିଆ ରାସ୍ତାରେ ଥିବାରୁ ଲୋକଙ୍କୁ ସେହି ଅନୁସାରେ ଗାଡି ମୋଟର ଚଳାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର ଲୋକଙ୍କୁ ଲୋକଙ୍କର ହେଲମେଟ ପିନ୍ଧିବାର ଆରମ୍ଭ କଲେ ଧିରେଧିରେ ତାହା ଅଭ୍ୟାସରେ ପରିଣତ ହୋଇଯିବ ଯାହାଦ୍ୱାରା ଦୁର୍ଘଟଣା ଘଟିଲେ ଜୀବନ ରକ୍ଷାରେ ଏହ ସହାୟକ ହେବ ବୋଲି କହିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବରେ କନିଷ୍ଠ ମୋଟର ବାହାନ ନୀରିକ୍ଷକ ଟି.ସୌରଭ ଏବଂ ଟ୍ରଫିକ ନିରୀକ୍ଷକ ବିଶ୍ୱଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଟିମ ହ୍ୟୁମାନିଟି କନ୍ଧମାଳର ସଦସ୍ୟ ମାନଙ୍କୁ ବିଭିନ୍ନ ସମୟରେ ସଡକ ଦୁର୍ଘଟଣାରେ ଆହତ ଓ ଗରୁତର ମାନଙ୍କୁ କରିଥିବା ସହାୟତା କାର୍ଯ୍ୟପାଇଁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ୨୪ପ୍ରହର ହରିନାମ ସଂକୀର୍ତ୍ତନ ମହୋତ୍ସବ

ଜଳେଶ୍ୱର,୧୮/୨(ନିପ୍ର) : ଜଗତର ମଂଗଳ ସହିତ ବିଶ୍ୱବାସୀଙ୍କୁ କରୋନା ମହାମାରୀରୁ ରକ୍ଷା ଲାଗି ସୀମାନ୍ତ ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତର ନାଙ୍ଗୁଡ଼ସାହି ଗ୍ରାମରେ ୪ଦିନ ବ୍ୟାପୀ ହରିନାମ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ୯ ବର୍ଷ ଧରି ଜାକଜମକରେ ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ପାଳନ କରାଯାଉଥିବା କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଶହ ଶହ ମହିଳା ଓ ପୁରୁଷ ଏକ ସୁସଜ୍ଜିତ ପଟୁଆରରେ ସୁବର୍ଣ୍ଣରେଖା ନଦୀରୁ ପବିତ୍ର ପାଣି କଳସଯାତ୍ରାରେ ଆଣି ମଣ୍ଡପ ନିକଟରେ ପହଞ୍ଚିଥିଲେ । ମଂଗଳବାର ସନ୍ଧ୍ୟା ୫ଘଟିକା ଠାରୁ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା । ଶୁକ୍ରବାର ମଧ୍ୟାହ୍ନରେ ପ୍ରସାଦ ସେବନ ଓ ଅପରାହ୍ନ ୫ଘଟିକାରେ ନାମ ବିଶ୍ରାମ କରାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ଏହି ମହୋତ୍ସବ କାର୍ଯ୍ୟକ୍ରମକୁ ପଂଚାୟତର ବହୁ ଭକ୍ତ ସହିତ ତ୍ରିଲୋଚନ ଦାସ ଅଧିକାରୀ, ସରପଂଚ ଦୀପାଳୀ ଜେନା, ପୂର୍ବତନ ସରପଞ୍ଚ ସୁଦାମ ପାତ୍ର, ମଧୁସୂଦନ ଜେନା, କାର୍ତ୍ତିକଚନ୍ଦ୍ର ଦାସ, ଅନନ୍ତ ଦାସ ଅଧିକାରୀ, ରବୀନ୍ଦ୍ର ନାଥ ଦାସ, ରାଜେଶ କୁମାର ଜେନା, ସୁଶୀଲ ଜେନା, ଅକ୍ଷୟ ଜେନା, ସପନ ଜେନା ଓ ଦେବେନ୍ଦ୍ର ଗିରି ପ୍ରମୁଖ ପରିଚାଳନା କରିଛନ୍ତି ।

## ସମର ଶିକ୍ଷାର୍ଥୀ ବାହିନୀର ତାଲିମ ଶିବିର ଉଦ୍‌ଯାପିତ
# ଏନ୍‌ସିସି ଓଡ଼ିଶାମୁଖ୍ୟ ଡିଜିଙ୍କ ଶିବିରାର୍ଥୀଙ୍କୁ ଉଦ୍‌ବୋଧନ



ଭଦ୍ରକ,୧୮।୦୨ (ନି.ପ୍ର): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୭ମ ବାଟାଲିଅନ ପକ୍ଷରୁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଗତ ୬ ତାରିଖରୁ ଚାଲିଥିବା ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ସମର ଶିକ୍ଷାର୍ଥି ବାହିନୀ ଓଡ଼ିଶାର ଡିଜି କମୋଡର ସୋମେନ ବାନାର୍ଜୀ ଯୋଗ ଦେଇ ଶିବିରାର୍ଥୀଙ୍କୁ ଉଦ୍‌ବୋଧନ ଦେବା ସହିତ ନିଜ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ ପାଇଁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ର ନିର୍ମାଣରେ ସମର ଶିକ୍ଷାର୍ଥି ବାହିନୀର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏଥିରେ ୧୪ଟି ଗ୍ରୁପ୍‌ର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ତାଲିମ ନେଇଥିଲେ । ଛାତ୍ରଛାତ୍ରୀଙ୍କୁ ଭାରତ ବର୍ଷର ଭୌଗଳିକ ସ୍ଥିତି, ରାଷ୍ଟ୍ର ନିର୍ମାଣ ଦିଗରେ ନିଆଯାଉଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଜାତୀୟ ଏକତା ରକ୍ଷା ଦିଗରେ ଭୂମିକା ସହିତ ବନ୍ଧୁ ଚାଳନା ଆଦି ଶିକ୍ଷା ଦିଆ ଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଅନ୍ୟତମ ଅତିଥି ଭାବେ କଟକ ଗ୍ରୁପ୍‌ର ମୁଖ୍ୟ କମାଣ୍ଡର ରଜନିଶ୍ କାପୁର ଯୋଗ ଦେଇଥିବା ବେଳେ ଏହାକୁ ସପ୍ତମ ଓଡ଼ିଶା ଏନ୍‌ସିସି କମାଣ୍ଡିଂ ଅଫିସର କର୍ଣ୍ଣେଲ ଶାନ୍ତା ସିଂ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୦୦୮ ମସିହାର ହତ୍ୟା....

ସମସ୍ତେ ବେହୋଷ ହୋଇଗଲେ । ପରେ ଏକ କୁରାଢ଼ି ଆଣି ସମସ୍ତଙ୍କୁ ହତ୍ୟା କରିଥିଲେ । ସବନମ ଏମିତି ରକ୍ତର ହୋଲି ଖେଳିଥିଲେ ଯାହା ସାରାଦେଶକୁ ସ୍ତବ୍ଧ କରିଦେଇଥିଲା । ସବନମ ନିଜ ବାପା, ମା, ୧୦ମାସର ଭଣଜା ସମେତ ପରିବାରର ୭ଜଣ ଲୋକଙ୍କୁ ହତ୍ୟା କରିଥିଲେ । କେହି କିଛି ବୁଝିବା ଆଗରୁ ଚାଲିଗଲା ସାତ ସାତଟି ଜୀବନ । ଏସବୁ କରିବା ପଛର କାରଣ ଥିଲା ନିଜ ପ୍ରେମ ସମ୍ପର୍କକୁ ଆଗକୁ ନେବା । ସମ୍ପର୍କରେ ବାଧା ଦେଉଥିବା ପରିବାରକୁ ଏମିତି ଛାରଖାର କଲେ ସବନମ ହୁଏତ କେହିକେବେ ଅନୁମାନ ବି କରିପାରିବେ ନାହିଁ ।

### ୧୦ ଟି ପଡୋଶୀ ଦେଶ...

ଆମର ମୁକ୍ତ ଓ ଦୃଢ ପ୍ରତିଜ୍ଞା ଯୋଗୁଁ ସର୍ବନିମ୍ନ ମୃତ୍ୟୁ କ୍ଷେତ୍ରରେ ଆମେ ବିଶ୍ୱର ଅନ୍ୟତମ ଦେଶ । ଏହା ପ୍ରଶଂସା ଯୋଗ୍ୟ । ଆଜି ଆମ ଅଂଚଳ ତଥା ବିଶ୍ୱର ଧ୍ୟାନ ଶୀଘ୍ର ଟୀକା ଯୋଗାଣ ଉପରେ ରହିଛି । ଏ କ୍ଷେତ୍ରରେ ମଧ ଆମକୁ ସମାନ ସମନ୍ୱୟ ତଥା ସହଯୋଗର ଆବେଗ ବଜାୟ ରଖିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅଭିଳାଷକୁ ବଢାଇବାକୁ ଦେଶମାନଙ୍କୁ ପଚାରୀ ପ୍ରଧାନମନ୍ତ୍ରୀ ଆମର ଡାକ୍ତର ଏବଂ ନର୍ସମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଭିସା ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ଦ୍ୱାରା ସେମାନେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପରିସ୍ଥିତିରେ ଶୀଘ୍ର ଯାତ୍ରା କରିପାରିବେ । ସେ ଆହୁରି ମଧ ପଚାରିଛନ୍ତି ଯେ ଆମର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଜରୁରୀ ଚିକିତ୍ସା ପାଇଁ ଏକ ଆଂଚଳିକ ଏୟାର ଆମ୍ବୁଲାନ୍ସ ଚୁକ୍ତିନାମା ଲାଗି ସହଯୋଗ କରିପାରିବ କି ? ସେ ଆହୁରି ମଧ ପରାମର୍ଶ ଦେଇଛନ୍ତି ଯେ ଆମ ଜନସଂଖ୍ୟା ଉପରେ କୋବିଡ ଟିକାଗୁଡ଼ିକର ପ୍ରଭାବ ବିଷୟରେ ତଥ୍ୟ ସଂଗ୍ରହ, ସଂକଳନ ଏବଂ ଅଧୟନ ପାଇଁ ଆମେ ଏକ ଆଂଚଳିକ ପ୍ଲାଟଫର୍ମ ସୃଷ୍ଟି କରିପାରିବା । ଅଧିକନ୍ତୁ, ସେ ପଚାରିଥିଲେ ଯେ ଭବିଷ୍ୟତରେ ମହାମାରୀକୁ ରୋକିବା ପାଇଁ ଆମେ ଜ୍ଞାନକୌଶଳ ସହାୟତାକୁ ପ୍ରୋତ୍ସାହନ ଦେଇ ଏକ ଆଂଚଳିକ ନେଟୱାର୍କ ସୃଷ୍ଟି କରିପାରିବା କି ? କୋଭିଡ ବାହାରେ, ପ୍ରଧାନମନ୍ତ୍ରୀ ସଫଳ ଜନସ୍ୱାସ୍ଥ୍ୟ ନୀତି ଏବଂ ଯୋଜନା ଅଂଶୀଦାର ହେବାକୁ ପରାମର୍ଶ ଦେଇଛନ୍ତି । ସେ ପରାମର୍ଶ ଦେଇଛନ୍ତି ଯେ ଭାରତର ଆୟୁଷ୍ମାନ ଭାରତ ଏବଂ ଜନ ଆରୋଗ୍ୟ ଯୋଜନା ଏହି ଅଂଚଳ ପାଇଁ ଉପଯୋଗୀ ହୋଇପାରେ । ଯଦି ଏକବିଂଶ ଶତାବ୍ଦୀ ଏସୀୟ ଶତାବ୍ଦୀ ହେବାକୁ ଯାଉଛି, ତେବେ ଏହା ଦକ୍ଷିଣ ଏସିଆ ଏବଂ ଭାରତ ମହାସାଗର ଦ୍ୱୀପପୁଞ୍ଜ ଦେଶ ମଧ୍ୟରେ ଏକୀକରଣ ବିନା ତାହା ହୋଇପାରିବ ନାହିଁ । ମହାମାରୀ ସମୟରେ ଆପଣ ଦେଖାଇଥିବା ଆଂଚଳିକ ଏକତାର ଆବେଗ ପ୍ରମାଣିତ କରିଛି ଯେ ଏହିପରି ଏକୀକରଣ ସମ୍ଭବ ବୋଲି କହି ପ୍ରଧାନମନ୍ତ୍ରୀ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

### ବିଧାନସଭାକୁ ଘାରିଲା...

ସମ୍ମୁଖରୁ ଆସୁଥିଲେ ମହାତାବ ଲାଇବ୍ରେରୀ ନିକଟରେ ପୋଲିସ ବାଟ ଓଗାଳିବ । ଫଳରେ କେଶରୀ ହଲ୍ କଡ ଦେଇ ଆପଣଙ୍କୁ ଯିବାକୁ ପଡିବ । କମିଶନରେଟ୍ ପୁଲିସ ଭବନ ସମ୍ମୁଖରୁ ବିଧାନସଭା ଆଡକୁ ଆସିଲେ ଏମଏଲଏ କଲୋନୀ-ରବୀନ୍ଦ୍ର ମଣ୍ଡପ ନିକଟରେ ରାସ୍ତାକୁ ବନ୍ଦ କରାଯାଇଛି । ଗତ ବିଧାନସଭା ଅଧିବେଶନରେ ଏକାଧିକ ଆତ୍ମାହୁତି ଉଦ୍ୟମ ପୁଲିସ ପ୍ରଶାସନର ହଜିଯାଇଥିଲା ନିଦ । ଏହାକୁ ନେଇ ରାଜ୍ୟର ଗୁଇନ୍ଦା ବିଭାଗ ଉପରେ ଉଠିଥିଲା ପ୍ରଶ୍ନ । ତେଣୁ ଚଳିତ ଅଧିବେଶନ ବେଳେ ଆଗୁଆ ସତର୍କ ହୋଇଯାଇଛି ପୁଲିସ । ସ୍ଥାନେ ସ୍ଥାନେ ରଖାଯାଇଛି ଅଗ୍ନିନିର୍ବାପକ ଯନ୍ତ୍ର ଏବଂ ଲୋକଙ୍କ ସ୍ୱାର୍ଥକୁ ପଛରେ ପକାଇ ସହରର ପ୍ରମୁଖ ରାସ୍ତାକୁ କରାଯାଇଛି ବନ୍ଦ । ଏତେ ସୁରକ୍ଷା ଓ କଟକଣା ଭିତରେ କିନ୍ତୁ ସଚିବାଳୟ ରାସ୍ତା କଡରେ ଆତ୍ମାହୁତି ଉଦ୍ୟମ କରିଛନ୍ତି କୁଜଙ୍ଗରୁ ଆସିଥିବା ମାଆ ପୁଅ । ଫଳରେ ପୁଲିସ କରିଥିବା ଏତେ କଟକଣା କାହାପାଇଁ ?

### ନୟାଗଡ ପରୀ ମୃତ୍ୟୁ....

ହେଲେ ଦୁଃଖ ଲାଗିବାରୁ ଦୁଷ୍କର୍ମ କରିନଥିଲା ବୋଲି କହିଛି ଅଭିଯୁକ୍ତ । ମୃତଦେହ ଫିଙ୍ଗିବା ପୂର୍ବରୁ ଲେଗିଙ୍ଗସକୁ ପୋଖରୀ ଭିତରକୁ ଫିଙ୍ଗି ଦେଇଥିଲା । ଅଭିଯୁକ୍ତର ଏହି ସ୍ୱୀକାରୋକ୍ତି ଭିଡିଓକୁ ଚାର୍ଜସିଟ୍ ସହ କୋର୍ଟରେ ଦାଖଲ କରିଛି ଏସଆଇଟି । ଅଭିଯୁକ୍ତର ଏହି ଭିଡିଓକୁ କୋର୍ଟରେ ପ୍ରମାଣ କରିବା ପାଇଁ ରେକର୍ଡ କରିଥିବା ସାଇଂଟିଫିକ୍ ଅଫିସରଙ୍କୁ ସାକ୍ଷୀ ବନାଇଛି ଏସଆଇଟି । ଆଉ ଏପଟେ ପରୀ ଅଭିଯୁକ୍ତର ଏଭଳି ଭିଡିଓ ଆସିବା ପରେ ପ୍ରତିକ୍ରିୟା ରଖିଛନ୍ତି ପରୀର ମାଆ । ସେ ପ୍ରଶ୍ନ କରିଛନ୍ତି, ଅଭିଯୁକ୍ତର ଏହି ଭିଡିଓ ବାହାରକୁ କିପରି ଆସିଲା ଏବଂ ପୁଣିଥରେ ସିବିଆଇ ତଦନ୍ତ ପାଇଁ ସେ ଦାବି ଦୋହରାଇଛନ୍ତି । ଅନ୍ୟପଟେ ଅଭିଯୁକ୍ତର ସ୍ୱୀକାରୋକ୍ତି ଭିଡିଓ ସାମନାକୁ ଆସିବା ପରେ ଏହି ମାମଲା ଏକ ନୂଆ ମୋଡ ନେଇଛି । ପୁଲିସ ଚାପରେ ଆସି ଅଭିଯୁକ୍ତ ଏପରି କହିଛି, ନା ସଜାରୁ ବଂଚିବା ପାଇଁ ସାଇଂଟିଫିକ୍ ଅଫିସରଙ୍କ ଆଗରେ ସତ ବଖାଣିଛି, ତାହା ଆଗକୁ ଜଣାପଡିବ ।

### ପଶ୍ଚିମବଙ୍ଗକୁ 'ସୋନାର ବଙ୍ଗଳା'...

ମହିଳାମାନଙ୍କୁ ୩୩ ପ୍ରତିଶତରୁ ଅଧିକ ସଂରକ୍ଷଣ ପ୍ରଦାନ କରିବ ଏବଂ ସପ୍ତମ ବେତନ ଆୟୋଗର ସୁପାରିଶକୁ କାର୍ଯ୍ୟକାରୀ କରିବ ଏବଂ ବାତ୍ୟା ଆମ୍ଫାନ ରିଲିଫ ପାଣ୍ଠି ବିତରଣରେ ହୋଇଥିବା ଦୁର୍ନୀତିର ଯାଞ୍ଚ କରାଯିବ । ବଙ୍ଗଳାକୁ 'ସୋନାର ବଙ୍ଗଳା' କରିବା ପାଇଁ ଏହା ହେଉଛି ବିଜେପିର ଲଢ଼େଇ । ଏହି ସଂଗ୍ରାମ ଏବେ ଆମର ବୁଥ୍ କର୍ମୀ ଏବଂ ତୃଣମୂଳ କଂଗ୍ରେସ (ଟିଏମସି)ର ସିଣ୍ଡିକେଟ୍ ମଧ୍ୟରେ ଚାଲିଛି ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି । ସେ କହିଛନ୍ତି ଯେ ମମତା ବାନାର୍ଜୀଙ୍କୁ ହଟାଇ ବିଜେପିକୁ ସରକାରକୁ ଆଣିବା ଦଳର ଲକ୍ଷ୍ୟ ନୁହେଁ ବରଂ ପଶ୍ଚିମବଙ୍ଗର ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ସୁନିଶ୍ଚିତ କରିବା ହେଉଛି ବିଜେପିର ଲକ୍ଷ୍ୟ । ଆମର ଲକ୍ଷ୍ୟ ହେଉଛି ପଶ୍ଚିମବଙ୍ଗର ପରିସ୍ଥିତିରେ ପରିବର୍ତ୍ତନ, ରାଜ୍ୟର ଗରିବଙ୍କ ପରିସ୍ଥିତିରେ ପରିବର୍ତ୍ତନ, ରାଜ୍ୟର ମହିଳାଙ୍କ ପରିସ୍ଥିତିରେ ପରିବର୍ତ୍ତନ ଆଣିବାକୁ ସୁନିଶ୍ଚିତ କରିବା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ।

### ସୁପ୍ରିମକୋର୍ଟରେ କୋଟିଆ...

ଆନ୍ଧ୍ରପ୍ରଦେଶର ଆରକୁ ଲୋକସଭା ଓ ସାଲୁର ବିଧାନସଭା କ୍ଷେତ୍ରରେ ଆସୁଛି । ସେପଟେ ଆସନ୍ତାକାଲି ରହିଛି ଓଡିଶାର ଶୁଣାଣି । ଆନ୍ଧ୍ରପ୍ରଦେଶର ଜବାବକୁ ଖାରଜ କରି ଓଡିଶା ସପକ୍ଷରେ ରାୟ ଦେବା ପାଇଁ ସୁପ୍ରିମକୋର୍ଟରେ କାଲି ଅପିଲ୍ କରିବ ଓଡିଶା । ଏଥିପାଇଁ ଓଡିଶା ପାଖରେ ତିନୋଟି ବଳଷ୍ଠ ପ୍ରମାଣ ରହିଥିବା କହିଛନ୍ତି ସୁପ୍ରିମକୋର୍ଟରେ ଓଡିଶାର ମାମଲା ଲଢୁଥିବା ଆଇନଜୀବୀ । ୨୦୧୧ ଜନଗଣନା ରିପୋର୍ଟ, ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନର ଭୋଟର ତାଲିକା ଏବଂ ସଂପୃକ୍ତ ଅଂଚଳରେ ଓଡିଶା ସରକାରଙ୍କ ପକ୍ଷରୁ କରାଯାଇଥିବା ଉନ୍ନତିମୂଳକ କାମର ରିପୋର୍ଟ । କୋଟିଆ ଅଂଚଳର ଏହି ତିନୋଟି ଦସ୍ତାବିଜ୍ ଓଡିଶା ସରକାର ଆସନ୍ତାକାଲି ସୁପ୍ରିମକୋର୍ଟରେ ଦାଖଲ କରିବେ ।

### ରେଳ ଧାରଣାରେ ଶୋଇ ....

ରେଳ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି । ଏହାସହ ନଙ୍ଗଲୋଇ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଅଧିକାଂଶ ସ୍ଥାନରେ ରେଳ ଅଟକି ରହିଛି । ଶେଷ ସୂଚନା ମୁତାବକ ଏହି ଆନ୍ଦୋଳନ ଏବେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଛି । କୃଷକ ମାନେ ଏହି ବିଲ୍ କୁ ବିରୋଧ କରି ଦୀର୍ଘ ୩ ମାସ ହେବ ଧାରଣାରେ ବସିଥିବା ବେଳେ ଏନେଇ ସରକାରଙ୍କ ସହ ୧୧ ଥର ବୈଠକ ବସି ସାରିଛି । ହେଲେ ଏହି ବୈଠକରୁ କିଛି ସୁଫଳ ମିଳୁ ନଥିବାରୁ କୃଷକ ମାନେ ସେମାନଙ୍କର ଆନ୍ଦୋଳନର ତରିକା ବଦଳାଇବାରେ ଲାଗିଛନ୍ତି । ପ୍ରଥମେ ଟ୍ରାକ୍ଟର ରାଲି, ତା ପରେ ଚକା ଜାମ୍ ଓ ଆଜି ରେଳ ରୋକ କରି କୃଷକ ସଂଗଠନ ମାନେ ସରକାରଙ୍କ ଉପରେ ଚାପ ପକାଇବାକୁ ଚେଷ୍ଟା କରିଛନ୍ତି । ଚାଷୀ ଆନ୍ଦୋଳନ ମଧ୍ୟରେ ପଞ୍ଜାବରେ ହୋଇଥିବା ମ୍ୟୁନିସପାଲଟି ନିର୍ବାଚନରେ କୃଷକ ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳିଛି । ପଞ୍ଜାବ ନିର୍ବାଚନ ରେ ବିଜେପି ଏକ ପ୍ରକାର ସଫା ହୋଇ ଯାଇଛି । କଂଗ୍ରେସକୁ ଆଶାତିତ ସଫଳତା ମିଳିଥିବା ବେଳେ ଅକାଳୀଦଳ କାଁ ଭାଁ କେଉଁଠି ଜିତି ନିଜର ସ୍ଥିତି ଜାହିର କରିବାକୁ ଚେଷ୍ଟା କରିଛି ।

### କାଳବୈଶାଖୀ ସମ୍ଭାବନା...

ବଜ୍ରପାତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଛି । ଏହି ସମୟ ମଧ୍ୟରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ସୋନପୁର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୁଳ ଏବଂ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ଓ ବଜ୍ରପାତ ସହ କାଳବୈଶାଖୀ ହେବାର ସମ୍ଭାବନା ରହିଥିବାରୁ ଏହି ୧୪ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।

### ଭିଡିଓ କନଫରେନ୍ସିଂରେ ...

ଗୁରୁବାର ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଭିଭାଷଣ ଶେଷ ହେବା ପରେ ବାଚସ୍ପତି ଏହି ଘୋଷଣା କରିଛନ୍ତି । ବାଚସ୍ପତି କହିଥିଲେ ଯେ ବିଧାନସଭାର ବିଧାୟକ ବିଧାୟିକାମାନଙ୍କ ମଧ୍ୟରୁ ଯେଉଁମାନେ ଚାହିଁବେ ସମ୍ପୃକ୍ତ ଜିଲ୍ଲାପାଳଙ୍କ କନଫରେନ୍ସ ହଲ୍ ,ଲୋକସେବା ଭବନର ଦ୍ୱିତୀୟ କନଫରେନ୍ସ ହଲ୍ , ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ , ବିରୋଧୀ ଦଳନେତାଙ୍କ ରେସିଡେନ୍ସିଆଲ ଅଫିସ୍ ଏବଂ ଭୁବନେଶ୍ୱରସ୍ଥ ଓକାକ୍ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ମାଧ୍ୟମରେ ବିଧାନସଭାରେ ଭାଗ ନେଇପାରିବେ । ମୁଖ୍ୟମନ୍ତ୍ରୀ ନିଜ ଆବାସିକ କାର୍ଯ୍ୟାଳୟ ନବୀନ ନିବାସରୁ , ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ , ବିଧାୟକ ପ୍ରଫୁଲ୍ଲ ,ସାମଲ , ବିଧାୟିକା ସାବିତ୍ରୀ ଅଗ୍ରୱାଲ ଭିସି ମାଧ୍ୟମରେ ବିଧାନସଭାରେ ଯୋଗ ଦେବେ ।

## ମଦ ନେଲା ମା'ର ଜୀବନ

ଖଇରା,୧୮।୨(ନିପ୍ର) ମାକୁ ମାରିଲା ପୁଅ । ଦିନକୁଦିନ ଗ୍ରାମାଞ୍ଚଳରେ ଅବାଧରେ ଚୋରା ମଦ ବିକ୍ରିଚାଲିଛି । ମଦ ପିଇ ନିସା ଶକ୍ତ ଅବସ୍ଥାରେ ମାକୁ ବାଡି ଓ କତାରେ ହାଣି ମାର ଜୀବନ ନେଲା ନୃସଂଶ ପୁତ୍ର । ଯେଉଁ ମା ଦିନେ ସ୍ୱପ୍ନ ଦେଖିଥିଲା ତାର ପୁଅ ବଡ ହେଲେ ତାକୁ ପାଳିବ ପୋଷିବ ମଲା ପରେ ମୁଖାଗ୍ନି ଦେବ । ବାର୍ଦ୍ଧକ ବୟସରେ ତାର ପୁଅ ତାର ଆଶାବାଡି ହେବ କିନ୍ତୁ ତାର ସ୍ୱପ୍ନ ବାସ୍ତବରେ ରୂପାନ୍ତରିତ ହେବା ପୂର୍ବରୁ ମଦ ସବୁ କିଛି ବିଗାଡିଦେଲା । ମଦ ପିଇ ନିଶାଶକ୍ତ ହୋଇ ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ମିରିକପୁର ଖଇରା ଗ୍ରାମର ରଘୁନାଥ ଶିଅଳ ସାନପୁଅ ଜଗବନ୍ଧୁ ଶିଅଳ ରାତିରେ ନଶାଶକ୍ତ ହୋଇ ଘରକୁ ଫେରିଥିଲା । ଘରକୁ ଫେରିବା ପରେ ମା ମଣିଶିଅଳଙ୍କ ସହିତ ବଚସା ହୋଇଥିଲା । ବଚସାରୁ ରକ୍ତ ମୁଖା ହୋଇପଡି ମାର ରକ୍ତରେ ହୋଲି ଖେଳିଥିଲା ଠେଙ୍ଗା ଓ କତା ସାହାର୍ଯ୍ୟରେ । ବାପା ଓ ଭଉଣୀ ଯଶୋଦା ଶିଅଳ ମଧ ଆକ୍ରମଣର ଶିକାର ହୋଇଥିବାର ଜଣାପଡିଛି । ବାପା ଓ ଭଉଣୀ ଭୟଭିତ ହୋଇ ବାହାରକୁ ପଳାଇ ଆସିଥିବାବେଳେ ପରେ ଜଗବନ୍ଧୁ ନିଜ ମାକୁ ଆକ୍ରମଣ କରି ଜୀବନରୁ ମାରିଦେଇଥିଲେ । ଆକ୍ରମଣକାରୀ ଜଗବନ୍ଧୁ ଫେରାର ହୋଇଯାଇଛି ଖଇରା ପୋଲିସ ସହିତ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ବରହମପୁରରେ ବ୍ରହ୍ମ ଯଜ୍ଞ



ରୂଷା,୧୮।୦୨ (ନି.ପ୍ର): ହାତିଆଡିହା ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି-ମୁନିରାଜ୍ଞୀ ଗୀତାଞ୍ଜଳୀ ମୁନିଙ୍କ ସୁପୁତ୍ର ଇଂ ନିଶୀଥ ନିୟନ ବାରିକ-ମୁନିମତୀ ଲିପିକା ବାଛିନୀଙ୍କର ଏକମାତ୍ର ସୁକନ୍ୟା କୁମାରୀ ଗୀତାଂଶୀ ଗୌରୀନନ୍ଦିନୀଙ୍କର ଚତୁର୍ଥ ଶୁଭ ଜନ୍ମଦିବସ ଆଶ୍ରମରୁ କୋଷାଧ୍ୟକ୍ଷ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରୀଚରଣ ମୁନିଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷିକା କଳ୍ପନାମିଶ୍ରି ମହୋଦୟା । ମୁଖ୍ୟବକ୍ତା ଥିଲେ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ସମୂହ ପ୍ରଣବ, ବେଦପାଠ, ଶାନ୍ତିପାଠ, ଆଶୀର୍ବଚନ କରାଯାଇ, ଦୀର୍ଘ ନୀରୋଗ ନିରାମୟ ଜ୍ଞାନମୟ ଜୀବନର ଶୁଭ ସମୂହ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ ଡାକ୍ତର ସୁଚିତ୍ର ମୁନି, ମୁନିମତୀ ସୌଦାମିନୀ ବାରିକ, ମୁନିମତୀ ସନ୍ତୋଷିନୀ ବାରିକ, ପ୍ରମୋଦିନୀବାରିକ, ଭଗବାନ ଚନ୍ଦ୍ର ବାରିକ, ମୁନିକୁମାରୀରାଜଶ୍ରୀ ରାଜନନ୍ଦିନୀ, ଜାନୀ, ଜିନାଲୀ, ସ୍ୱୟମ, ଶ୍ରୀୟାଂଶୀ-ଯୋଗ ସାଧିକା ବାସନ୍ତୀ ମହାଳିକ, ବିମଳାଲେଙ୍କା, ଜାହ୍ନବି ଗିରୀ, ଶକୁନ୍ତଳା ପରିଡା, ସୁମତୀ ଦଳାଇ ଇତ୍ୟାଦି । ଶେଷରେ ଡାକ୍ତର ଲିପିକା ବାଛିନୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଥିଲେ ।

## ଓଡ଼ିଶୀ ସଙ୍ଗୀତ ଉତ୍ସବ, ଓଡ଼ିଶୀ ସଂଗୀତ ଓ ନୃତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ଗବେଷଣା କେନ୍ଦ୍ରର ଭବ୍ୟ ପ୍ରେକ୍ଷାଳୟ 'ଉତ୍କଳ ରଂଗମଂଚ'ରେ 'ଓଡ଼ିଶୀ ସଙ୍ଗୀତ ଉତ୍ସବ' ଆୟୋଜିତ ହୋଇଯାଇଛି । ଏଥି ପୂର୍ବରୁ ଆଜି ପୂର୍ବାହ୍ନରେ ଓଡ଼ିଶୀ ସଙ୍ଗୀତକୁ ନେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟନିର୍ବାହୀ, ଓଡ଼ିଶୀ ଗବେଷଣା କେନ୍ଦ୍ର, ପଣ୍ଡିତ ଡଃ ଦାମୋଦର ହୋତା, ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଶ୍ରୀମତୀ ଶ୍ୟାମାମଣି ଦେବୀ, ଗୁରୁ ରାମହରି ଦାସ, ଧନେଶ୍ୱର ସ୍ୱାଇଁ, କୀର୍ତ୍ତନ ନାରାୟଣ ପାଢ଼ି, ପଣ୍ଡିତ ହରମୋହନ ଖୁଂଟିଆ, ଗୁରୁ ରାମାରାଓ ପାତ୍ର ତଥା ଅନେକ ଗାୟକ, ବାଦକ, ନୃତ୍ୟଶିଳ୍ପୀ, ଗବେଷକ ଯୋଗଦାନ କରି ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନା ଚକ୍ରରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ପଦକ୍ଷେପ ନେଇ ବିଶେଷ ଆଲାଚନା ହୋଇଥିଲା । ଆସନ୍ତାକାଲି ସକାଳେ 'ଓଡ଼ିଶୀ ନୃତ୍ୟ ଆଲୋଚନା ଚକ୍ର' ଏବଂ ସନ୍ଧ୍ୟାବେଳେ ଓଡ଼ିଶୀ ଗାୟନ ବାଦନର ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହେବ ।

## ମାଗଣା ରକ୍ତଦାନ ଶିବିର : ୫୦ ୟୁନିଟ୍ ସଂଗୃହୀତ



ଜଳେଶ୍ୱର, ୧୮/୨ (ନିପ୍ର) : ଜଳେଶ୍ୱର ବଡବଜାର ଠାରେ ଆଜି ଡେ ଏଣ୍ଡ ନାଇଟ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହାକୁ ଫାର୍ମସିଷ୍ଟ ଶଚୀନ୍ଦ୍ର ନାଥ ପାଢୀ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାର ଡାକ୍ତର ଡା. ତ୍ରିନାଥ ଦାସ, ଗତିକୃଷ୍ଣ ଦାସ, ସଂଗ୍ରାମ ମହାପାତ୍ର, ଦିବ୍ୟାଂଶୁ ବେହେରା ରକ୍ତ ସଂଗ୍ରହ କରିଥିଲେ । ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଓ ରୋଟାରିଆନ୍ ସୁବ୍ରତ ରଣା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଆଶିଶ ଅଗ୍ରୱାଲା, ବଣ୍ଟି ଅଗ୍ରୱାଲା, ଦୁର୍ଗାପ୍ରସାଦ ଖଣ୍ଡେଲୱାଲ, ସନ୍ୟାସୀ ପରିଡା, ମୁକ୍ତିକାନ୍ଦ ନନ୍ଦୀ, ଆଶିଷ କୁମାର ଗିରି, ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ ୭,୨୬,୫୬୨ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୬,୪୪,୯୩୧ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୨୦,୮୭,୦୩,୭୯୧ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ

ଭୁବନେଶ୍ୱର,୧୮/୨(ନି.ପ୍ର): ଓଡ଼ିଶାର ଅନ୍ୟତମ ଗର୍ବ ଓ ଗୌରବ ତଥା ସରକାରୀ ନିୟନ୍ତ୍ରଣାଧୀନ ଏକମାତ୍ର ଚଳଚ୍ଚିତ୍ର ଗୁଡ଼ିକ ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓର ପୁନର୍ବିନ୍ୟାସ ନିମନ୍ତେ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିବାକୁ ଗ୍ରହଣ କରିଥିବା ନିଷ୍ପତ୍ତିକୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଷ୍ଟାର୍ ଚଳଚ୍ଚିତ୍ର ପ୍ରଯୋଜକ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସରକାରୀ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଦୁଇ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ଜରୁରି ବୈଠକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରାଯିବା ସଙ୍ଗେ ସଙ୍ଗେ ଦର୍ଶାଯାଇଛି ଯେ ଏକଦା ସକ୍ରିୟ ଓ ଚଳଚଞ୍ଚଳ ଥିବା କଳିଙ୍ଗ ଷ୍ଟୁଡିଓ ଗତ ୨୦ବର୍ଷ ହେଲା ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ବିଶେଷକରି ଗତ ମହାବାତ୍ୟା, ପାଇଲିନ୍ ଓ ଫନିଜନିତ ବିପର୍ଯ୍ୟୟ ପରେ ଏହି ଷ୍ଟୁଡିଓ ସମ୍ପୂର୍ଣ୍ଣ ଶ୍ରୀହୀନ ହୋଇଛି । ଏହାର ପୁନରୁଦ୍ଧାର ନିମନ୍ତେ ରାଜ୍ୟ କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିଲେ । ଏବେ ବରାଦ୍ ହୋଇଥିବା ଅର୍ଥର ସଦୁପଯୋଗ ଦିଗରେ ପ୍ରଶାସନ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ରାଜ୍ୟରେ ଥିବା ଅଧିକାଂଶ ସିନେମା ହଲ୍ ଏବେ ଅଚଳ ଅବସ୍ଥାରେ ପଡ଼ିଥିବାରୁ ପଯୋଜକମାନେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଗ୍ରହୀ ହେଉ ନାହାନ୍ତି । ତେଣୁ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ସରକାରୀ-ଘରୋଇ (ପିପିପି) ଭାଗିଦାରୀରେ ଅନ୍ତତଃ ଗୋଟିଏ ହଲ୍ ନିର୍ମାଣର ବ୍ୟବସ୍ଥା କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ଏହି ବୈଠକରେ ସିନେକ୍ରିଟିକ୍ ସଭାପତି ପ୍ରଦୋଷ ପଟ୍ଟନାୟକ, ସଂଯୋଜକ ଦିଲ୍ଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି, ଖିତିଶ୍ ରାଉତ୍, ଶ୍ରୀଧର ମାର୍ଥା, ଲୋକନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ସବ୍‌ଜେଲ ପରିସରରେ ସୁଲଳିତ ସଂଗୀତ ସଂଧ୍ୟା



ଜଳେଶ୍ୱର, ୧୮/୨ (ନିପ୍ର) : ସରସ୍ୱତୀ ପୂଜା ଅବସରରେ ଜଳେଶ୍ୱର ସବ୍‌ଜେଲ ପରିସରରେ ଏକ ସୁଲଳିତ ସଂଗୀତ ସଂଧ୍ୟା ଓ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଇଂ ପ୍ରଦୀପ କୁମାର ବେହେରା ପୌରହିତ୍ୱ କରିଥିଲେ । ସଂପାଦକ ଡ. ଦିପ୍ତିମୟୀ ମହାପାତ୍ର ଜେଲର ଚାରିକାନ୍ଥ ମଧ୍ୟରେ ରହୁଥିବା ବିଚାରାଧିନ କଏଦିଙ୍କୁ ଖୁସି କରାଇବା ଲାଗି ଏପରି କାର୍ଯ୍ୟକ୍ରମ ବୋଲି କହିଥିଲେ । ଏଥିରେ ସବ୍‌ଜେଲର ଅନୁସୁୟା ଷଡଙ୍ଗୀ, ସୁବ୍ରତ ରଣା, ସତ୍ୟସୁନ୍ଦର ଦାସ, ଲେଲିନ୍ ପ୍ରଧାନ, ସତ୍ୟନାରାୟଣ ସିଂହ, ବିକାଶ ଧର, ବଳରାମ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
# ଜିଲ୍ଲାପାଳଙ୍କ ଅଫିସ ଆଗରେ ଯୁବକଙ୍କ ଧାରଣା



ବାଲେଶ୍ୱର,୧୮।୦୨ (ନି.ପ୍ର): ଭିଣୋଇଙ୍କ ପ୍ରରୋଚନାରେ ପଡ଼ି ବିନା କାରଣରେ ପୁଲିସ ତାଙ୍କୁ କରିଥିବା ଗିରଫଦ ବିରୋଧରେ ଜନୈକ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି । ନିଜକୁ ଶହୀଦ ଭଗତ ସିଂହର ଫ୍ୟାନ ଭାବେ ଅଭିହିତ କରୁଥିବା ଏହି ଯୁବକ ଜଣକ ହେଲେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ବୈରାମନଗର ଅଞ୍ଚଳର ଲମ୍ବୋଦର ନାୟକଙ୍କ ପୁତ୍ର ଦେବାଶିଷ ନାୟକ(୨୬) । ବାଗବୃନ୍ଦାବନ ଅଞ୍ଚଳର ଯୁବକଙ୍କ ଭିଣୋଇ ତାଙ୍କ ବାପାଙ୍କୁ କରାୟତ କରି ସମସ୍ତ ଜମି ବିକ୍ରି ଅର୍ଥକୁ ଲୁଟି ନେଇଥିବା ସେ ବାରମ୍ବାର ଅଭିଯୋଗ କରିଥିଲେ । ଏହାକୁ ନେଇ ସେ ଆକ୍ରୋଶ ମୂଳକ ଭାବେ ଟାଉନଥାନା ଅଧିକାରୀଙ୍କ ଦ୍ୱାରା ଗତ ଜୁଲାଇ ମାସ ୧୯ ତାରିଖରେ ତାଙ୍କୁ ବିନା କାରଣରେ ଗିରଫ କରାଇ ଜେଲ ପଠାଇ ଦେଇଥିବା ସେ କହିଛନ୍ତି । ୨ ମାସ ଜେଲରେ ରହି ମୁକୁଳିବା ପରେ ତାଙ୍କ ଗିରଫଦାରୀ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ ପୁଲିସ ଅଧିକାରୀ ଓ ତାଙ୍କ ଭିଣୋଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ଧାରଣା ଦେଇଥିବା ଦେବାଶିଷ ସୂଚନା ଦେଇଛନ୍ତି । ବାଲେଶ୍ୱରରେ ତାଙ୍କୁ ଉଚିତ ନ୍ୟାୟ ନ ମିଳିଲେ ସେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ନିକଟରେ ଆପତ୍ତି ଉଠାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବିଧାନସଭାରେ ଶୋକ ପ୍ରସ୍ତାବ ପାରିତ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ପୂର୍ବତନ ବିଧାୟକ ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ରଙ୍କ ସମେତ କାର୍ଯ୍ୟରତ ସମେତ ଶହୀଦ ହୋଇଥିବା ତିନି ଜଣ ସୁରକ୍ଷା ଅଧିକାରୀ ଓ ଜବାନମାନଙ୍କ ପାଇଁ ବିଧାନସଭାରେ ଗୁରୁବାର ଦିନ ଶୋକ ପ୍ରସ୍ତାବ ଅଣା ଯାଇ ପାରିତ କରା ଯାଇଛି । ଏମାନେ ହେଲେ ସ୍ୱର୍ଗତ ବିଭୁତି ଭୂଷଣ ନାୟକ, ପୂର୍ବତନ ବାରେଂଟ ଅଫିସର, ଆସାମ ରାଇଫଲ୍ସ, ସ୍ୱର୍ଗତ ଯଜ୍ଞ ନାରାୟଣ କର, ଏସପିଆର/ଇବିଆର ୧୦୬, ଇଂଜିନିୟର ରେଜିମେଂଟ ବେଷ୍ଟର୍ଣ୍ଣ କମାଣ୍ଡ, ସ୍ୱର୍ଗତ କୃଷ୍ଣଚଂଦ୍ର ପଣ୍ଡା, ୧୪, ବିହାର ରେଜିମେଂଟ । ଏମାନଙ୍କ ବ୍ୟତୀତ ରାଜ୍ୟରେ କରୋନା ଭଳି କଠିନ ପରିସ୍ଥିତିରେ ରାଜ୍ୟବାସୀଙ୍କ ସେବାରେ ନିୟୋଜିତ ହୋଇ ପ୍ରାଣବଳୀ ଦେଇଥିବା ସମସ୍ତ କରୋନା ଯୋଦ୍ଧାଙ୍କ ପାଇଁ ମଧ୍ୟ ଶୋକ ପ୍ରସ୍ତାବ ଅଣା ଯାଇଥିଲା । ରାଜ୍ୟପାଳଙ୍କ ଅଭିଭାଷଣ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ ।

ଶୁକ୍ରବାର, ୧୯ ଫେବୃୟାରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଚିଲିକାର ମତ୍ସ୍ୟଜୀବୀଙ୍କୁ ଲୋକାଭିମୁଖୀ ଯୋଜନାରେ ଅନ୍ତର୍ଭୁକ୍ତ କର : ଯୋଜନା ବୋର୍ଡ ଉପାଧ୍ୟକ୍ଷ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା, ଜାଲ ଏବଂ ଡଙ୍ଗା ଇଞ୍ଜିନ ଯୋଗାଇଦେବାଠୁ ଆରମ୍ଭ କରି ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୧୮୬ଟି ମତ୍ସ୍ୟ ପ୍ରାଥମିକ ସମବାୟ ସମିତି ଅନ୍ତର୍ଗତ ମତ୍ସ୍ୟଜୀବୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ନେଇ ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ସବ୍‌ସିଡି ଜରିଆରେ ନେଟ୍, ବୋଟ ଓ ମୋଟରଚାଳିତ ଡଙ୍ଗା ପାଇଁ ଇଞ୍ଜିନ ଉପଲବ୍ଧ କରାଯିବା ସହିତ ସାତପଡ଼ାଠାରେ ଏକ ଡିଜେଲ ଆଉଟ୍‌ଲେଟ୍, ବରଫ ଫ୍ୟାକ୍‌ଟ୍ରି ଶୀତଳ ଭଣ୍ଡାର ଓ ଏକ ମତ୍ସ୍ୟ ଅବତରଣ କେନ୍ଦ୍ର ପ୍ରତିଷ୍ଠା ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଏହି ଆଲୋଚନା ମଧ୍ୟରେ ସାତପଡ଼ାରେ ମତ୍ସ୍ୟବିଭାଗ ପକ୍ଷରୁ ମାର୍କେଟ୍ ୟାର୍ଡ ପ୍ରତିଷ୍ଠା ଏବଂ ଅରଖକୁଦାଠାରେ ଏକ ଉନ୍ନତ ମାନର ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଜେଟି ପ୍ରତିଷ୍ଠା ଉପରେ ନିଷ୍ପତି ନିଆଯାଇଛି । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୮ କୋଟି ଟଙ୍କା ଯୋଗାଇଦେବାକୁ ନିଷ୍ପତି କରାଯାଇଛି । ୧୮୬ଟି ମତ୍ସ୍ୟ ପ୍ରାଥମିକ ସମିତି ଅନ୍ତର୍ଗତ ସମସ୍ତ ସଦସ୍ୟମାନେ ନିଜସ୍ୱ ଡଙ୍ଗା ମେସିନ ଏବଂ ନେଟ ପାଇଁ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମାଧ୍ୟମରେ ଯୋଗାଇଦେବାକୁ ସରକାର ଖୁବ୍ ଶୀଘ୍ର ନିଷ୍ପତି ନେବାକୁ ଯାଉଛନ୍ତି । ଆଜି ବୈଠକରେ ଚିଲିକାର ସୁରକ୍ଷା, ମତ୍ସ୍ୟସଂପଦର ବିକାଶ, ଚିଲିକାକୁ ଜୁଭେଲାଇନ୍ ଅନୁକୂଳ ରଖିବା ପାଇଁ ଏନ୍‌ଫୋର୍ସମେଂଟ ଉପରେ ଗୁରୁତ୍ୱ ଦିଆଯାଇଛି । ଖୁବ୍ ଶୀଘ୍ର ସାତପଡ଼ାଠାରେ ଏ ସଂପର୍କରେ ବିଭିନ୍ନ ମତ୍ସ୍ୟଜୀବୀ ସଂଗଠନର ମତ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ମତ୍ସ୍ୟଜୀବଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଲୋକଭିମୁଖୀ ଯୋଜନା ସଂପର୍କରେ ସଚେତନ କରିବାକୁ ଏକ ବୈଠକ କରାଯିବାକୁ ନିଷ୍ପତି କରାଯାଇଛି ।

## ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟକୁ ଦାନ କଲେ ୨୫ହଜାର ଟଙ୍କା



ଜଳେଶ୍ୱର,୧୮/୨(ନିପ୍ର) : ଜଳେଶ୍ୱର ବ୍ଲକ ଅଧିନ ଉପାନ୍ତ ନଛିମପୁର ପଂଚାୟତର ଦେଉଳା ଗ୍ରାମରେ ଥିବା ଯୋକାପାଟଣା ଡି.ଏନ୍. ଉଚ୍ଚ ବିଦ୍ୟାଳୟକୁ ପୁରାତନ ଛାତ୍ରଙ୍କ ପକ୍ଷରୁ ମୋ ସ୍କୁଲ ଅଭିଯାନରେ ଅର୍ଥରାଶି ପ୍ରଦାନ କରାଯାଇଛି । ପୁରାତନ ଛାତ୍ର ତଥା ସାମ୍ବାଦିକ ସଂଜୟ ଦାସ ଏହି ବିଦ୍ୟାଳୟର ଉନ୍ନତି ଲାଗି ବ୍ୟକ୍ତିଗତଭାବେ ୨୫ ହଜାର ଟଙ୍କା ପ୍ରଦାନ କରିଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି । ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡାଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ବହୁ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷାକର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୨,୮୮୧ ନୂଆ ମାମଲା

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୨,୮୮୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୦୧ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୯,୫୦,୨୦୧ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୩୭,୩୪୨ ଥିବା ବେଳେ ବର୍ତମାନ ସୁଦ୍ଧା ୧,୫୬,୦୧୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ନୂତନ କୃଷି ଆଇନ-ତୈଳଦର ବୃଦ୍ଧିକୁ ବିରୋଧ

# ବାଲେଶ୍ୱର କୃଷକ ସଂଘର୍ଷ ସମିତି ପକ୍ଷରୁ ରେଳରୋକ

ବାଲେଶ୍ୱର,୧୮।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ପ୍ରତ୍ୟାହାର ଦାବି ସାଙ୍ଗକୁ ଜନ ବିରୋଧୀ କାର୍ଯ୍ୟଧାରା ପ୍ରତିବାଦରେ ଗୁରୁବାର ଦିନ ସମଗ୍ର ଦେଶରେ ୪ ଘଣ୍ଟିଆ ରେଳରୋକ କରାଯାଇଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ବାଲେଶ୍ୱର ଜିଲା କୃଷକ ସଂଘର୍ଷ ସମିତିର ଆହ୍ୱାନକ୍ରମେ ଶତାଧିକ ଶ୍ରମିକ, କୃଷକ, କୃଷିଶ୍ରମିକ ବାଲେଶ୍ୱର ରେଳଷ୍ଟେସନରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରେଳରୋକ କରିଥିଲେ ।




ଭୁବନେଶ୍ୱରରୁ ଦିଲୀ ଯାଉଥିବା ରାଜଧାନୀ ସୁପରଫାଷ୍ଟ ଓ ହାଓଡ଼ାରୁ ପୁରୀ ଯାଉଥିବା ଧଉଳି ସୁପରଫାଷ୍ଟ୍ ଟ୍ରେନ୍‌କୁ ଅଟକାଇବା ସହ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କୃଷି ଆଇନ୍‌କୁ ପ୍ରତ୍ୟାହାର କରିବା, ଡିଜେଲ୍ ପେଟ୍ରୋଲ୍ ଓ ଜାଳେଣି ଗ୍ୟାସ୍ ଦରବୃଦ୍ଧି ହ୍ରାସ କରିବା, ଆନ୍ଦୋଳନକାରୀ କୃଷକ ଏବଂ କୃଷି ଆଇନକୁ ବିରୋଧ କରୁଥିବା ସାମାଜିକ କର୍ମୀମାନଙ୍କୁ ମିଥ୍ୟା ଦେଶଦ୍ରୋହ ଅଭିଯୋଗରୁ ମୁକ୍ତ କରିବା, ବାଲେଶ୍ୱରରେ ରେଳଡିଭିଜନ୍ ପ୍ରତିଷ୍ଠା ଦାବି ସହିତ ଚଳିତ ରେଳ ବଜେଟ୍‌ରେ ଓଡ଼ିଶାକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଇନଥିବାର ଶ୍ରମିକ ଓ କୃଷକ ନେତାମାନେ ବକ୍ତବ୍ୟରେ କହିଥିଲେ । କେନ୍ଦ୍ର ସରକାର ତୁରନ୍ତ କୃଷି ଆଇନ ପ୍ରତ୍ୟାହାର ସହ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ ଦର ହ୍ରାସ ନ କଲେ ଆଗାମୀ ଦିନରେ ଦେଶବ୍ୟାପୀ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ । ବିଭିନ୍ନ ସଂଗଠନ ପକ୍ଷରୁ ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ବିକାଶ ଦାସ, ଜୀବନ ବାରିକ, ବନ୍ଦନା ବିଶ୍ୱାସ, ଯୋଗାନନ୍ଦ ଦାଶ, ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ସିକନ୍ଦର ଖାଁ, ପ୍ରେମରଂଜନ ପାତ୍ର, ସନ୍ତୋଷ ସାହୁ, ପ୍ରଦୀପ ରାଉତ, ସନ୍ଧ୍ୟା ଦାସମଜୁମଦାର, ଜତିନ୍ ପାତ୍ର, ମନ୍ମଥ ପରିଡ଼ା, ସର୍ବେଶ୍ୱର ମିଶ୍ର, ମାୟାଧର ଜେନା, ସେକ୍ ସଫିକ୍, ସନ୍ତୋଷ ସାହୁ, ଶଶିକାନ୍ତ ବେହେରା, ସୁଶାନ୍ତ ଜେନା ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଏହି ରଳରୋକ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।

## ବିଶ୍ୱ-ଭାରତୀ ସମାବର୍ତ୍ତନ ସମାରୋହକୁ ଆଜି ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୧୯, ୨୦୨୧ରେ ୧୧.୦୦ଟା ସମୟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଶ୍ୱ-ଭାରତୀ ସମାବର୍ତନ ସମାରୋହକୁ ସମ୍ବୋଧିତ କରିବେ । ପଶ୍ଚିମବଙ୍ଗ ରାଜ୍ୟପାଳ ଶ୍ରୀ ଜଗଦୀପ ଧନଖଡ଼; କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡକ୍ଟର ରମେଶ ପୋଖରିୟାଲ ନିଶଙ୍କ ଏବଂ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସଞ୍ଜୟ ଧୋତ୍ରେ ଏହି ଅବସରରେ ଯୋଗଦେବେ । ସମାରୋହରେ ସମୁଦାୟ ୨୫୩୫ ଛାତ୍ରଛାତ୍ରୀ ସେମାନଙ୍କ ଡିଗ୍ରୀ ପ୍ରାପ୍ତ କରିବେ । ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ୧୯୨୧ ମସିହାରେ ବିଶ୍ୱ-ଭାରତୀ ପ୍ରତିଷ୍ଠିତ ହୋଇଥିଲା । ଏହା ଦେଶର ସର୍ବ ପୁରାତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ସଂସଦର ଏକ ଅଧିନିୟମ ଦ୍ୱାରା ମେ' ୧୯୫୧ରେ ବିଶ୍ୱ-ଭାରତୀକୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ "ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ" ଭାବେ ଘୋଷଣା କରାଯାଇଥିଲା । ଗୁରୁଦେବ ଟାଗୋରଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷାଦାନ ପଦ୍ଧତିକୁ ବିଶ୍ୱବିଦ୍ୟାଳୟ ଅନୁସରଣ କରିଥିଲା, ଯଦିଓ ଧୀରେ ଧୀରେ ଏହା ଅନ୍ୟତ୍ର ବିକଶିତ ହେଉଥିବା ଆଧୁନିକ ପ୍ରଣାଳୀର ବିଶ୍ୱବିଦ୍ୟାଳୟଗୁଡିକ ଭଳି ବିକଶିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଏହି ବିଶ୍ୱବିଦ୍ୟାଳୟର କୁଳପତି ମଧ ଅଟନ୍ତି ।

## କୃଷକ ସମନ୍ୱୟ ସମିତି ପକ୍ଷରୁ ୪ଘଣ୍ଟିଆ ରେଳରୋକ

ଜଳେଶ୍ୱର, ୧୮/୨ (ନିପ୍ର) : କୃଷକ ସର୍ବନଶକାରୀ ତିନୋଟି ଆଇନ୍‌କୁ ରଦ୍ଧ କରିବା, ଏମ୍.ଏସ୍ ସ୍ୱାମୀନାଥନ କମିଶନ ସୁପାରିଶ ଆଧାରରେ ଏମ୍.ଏସ୍.ପି ପ୍ରଦାନ ପାଇଁ ଆଇନ୍ ପ୍ରଣୟନ କରିବା, ଆନ୍ଦୋଳନରତ ମୃତ କୃଷକ ମାନଙ୍କୁ କ୍ଷତିପୂରଣ ଦେବା ଓ ସେମାନଙ୍କ ଉପରୁ ମୋକର୍ଦ୍ଦମା ପ୍ରତ୍ୟାହାର ଦାବିରେ ଆଜି ଗୁରୁବାର ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ ରେଳ ରୋକ କରାଯାଇଥିଲା । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଲକ୍ଷ୍ମଣନାଥ ରେଳ ଷ୍ଟେସନ ଠାରେ କୃଷକ ସମନ୍ୱୟ ସମିତି ପକ୍ଷରୁ ଏହି ବନ୍ଦ ଡାକର ଦିଆଯାଇଥିଲା । କୃଷକ ସମନ୍ୱୟ ସମିତିର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ନେତୃତ୍ୱରେ ଶିତାଂଶୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ,



ଜିତାଂଶୁ ନନ୍ଦୀ, ପଲ୍ଟୁ ଦାସ, ଦିଲ୍ଲୀପ ପରିଡା, ବସନ୍ତ ଦାସ, ରବିନ୍ଦ୍ର ବାରିକ, ରତନ ଦାସ, ସେକ୍ ଅବଦୁଲ ସାଦ୍ଦିକ, ଜୀବନ ପରିଡା, ଗଣେଶ ଭୂୟାଁ, ଯତିନ ଜେନା, ରାମଚନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ବସନ୍ତ ପ୍ରଧାନ, ଇଷାନୀ ଡଡଙ୍ଗୀ, ମମି ପଣ୍ଡା, ସବିତା ଭୂୟାଁ, ଆରତୀ ପଲାଇ, ସେକ୍ ସିତାରୁଦ୍ଦିନ, ନିଖିଲ ଜେନା, ଅଧୀର ହୁଇ, ବଙ୍କିମ ବିଶ୍ୱାଳ, ଅଶ୍ୱିନୀ ପ୍ରଧାନ, ନିରୋଜ ବେହେରା, ମନୋରଂଜନ ବେହେରା, ରାମଚନ୍ଦ୍ର ରାଉଳ, ନରେନ୍ ସିଂ, ଅସୀମ ବେହେରା, ମଦନ ମାହାଲି, ସେକ୍ ନଜିମୁଦ୍ଦିନ, ସବିରା ବିବି, ଅରୁଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୬୪୬୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୩୭୮୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୦୬ ରହିଛି । ଆଜି ଚିହ୍ନଟ ହୋଇଥିବା ୬୩ ଜଣଙ୍କ ମଧ୍ୟରୁ ୩୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ବାଲେଶ୍ୱର ଜିଲ୍ଲାରୁ ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ, ଭଦ୍ରକ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଦେବଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନ ହୋଇଛନ୍ତି । ଢେଙ୍କାନାଳ, ଗଜପତି ଓ ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୧, କେନ୍ଦୁଝର ଜିଲ୍ଲାରେ ୨, ଖୋର୍ଦ୍ଧାରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ, ୭୭୪ ବାହନ ଜବତ

ଭୁବନେଶ୍ୱର,୧୮।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୭୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୬୧,୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

## ପ୍ରୀତି ରଂଜନ ଜେନା ଭଦ୍ରକ ରୋଟାରୀ ମିଡ୍ ଟାଉନ ସଭାପତି ନିର୍ବାଚିତ

ଭଦ୍ରକ,୧୮।୦୨ (ନି.ପ୍ର): ଯୁବ ସଂଗଠକ, ଯୁବ ଉଦ୍ୟୋଗୀ ପ୍ରୀତିରଂଜନ ଜେନା ୨୦୨୨-୨୩ ବର୍ଷ ନିମନ୍ତେ ଭଦ୍ରକ ରୋଟାରୀ ମିଡ୍ ଟାଉନ କ୍ଲବର ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବାରୁ କ୍ଲବ ସଦସ୍ୟଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ତାଙ୍କର ଏହି ସାଫଲ୍ୟ ପାଇଁ ପୂର୍ବତନ ରୋଟାରୀ ଗଭର୍ଣ୍ଣର ରୋ. ଅଜୟ ଅଗ୍ରୱାଲ, ବିଧାୟକ ସଂଜୀବ ମଲ୍ଲିକ, ବର୍ତ୍ତମାନର ସଭାପତି ରୋ. ଅମିତ କୁମାର ମଲ୍ଲିକ, ରୋ. ଅତିଶ କୁମାର ବେହେରା, ରୋ. ଶିଶିର ମିଶ୍ର, ରୋ ବେଦପ୍ରକାଶ ଗୁପ୍ତା,



ରୋ. ଇନ୍ଦ୍ରଜିତ ସିଂ, ରୋ. ପ୍ରମୋଦ ଲାଖନୀ, ରୋ. ରତନଲାଲ ଗୁପ୍ତା, ରୋ.ସନାତନ ଜେନା, ରୋ. ଅଶୋକ ଶତପଥି, ରୋ. ମନୋଜ ପାଢୀ, ରୋ. ଗୌରବ ଅଗ୍ରୱାଲ, ରୋ. ପବିତ୍ର ଖିଲାର, ରୋ. ଅଞ୍ଜୁ ଗୁପ୍ତା, ରୋ. ସମିତା ମିଶ୍ର, ରୋ. ଚୈତାଲୀ ଖିଲାର, ରୋ. ସନ୍ଧ୍ୟା ଗୁପ୍ତା, ରୋ. ପ୍ରୀତି ଅଗ୍ରୱାଲ, ରୋ. ସଂଗୀତା ମଲ୍ଲିକ, ରୋ. ରାହୁଲ ଖେରିଆ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ବିବୃତିରେ ଶ୍ରୀ ଜେନା ଭଦ୍ରକ ରୋଟାରୀ ମିଡ୍ ଟାଉନ କ୍ଲବର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ସମାଜସେବା ଓ ସାମାଜିକ ସୌହାର୍ଦ୍ଦ୍ୟ ବୃଦ୍ଧି ଦିଗରେ ରୋଟାରୀର ପ୍ରତିବଦ୍ଧତା ଅବ୍ୟାହତ ରହିବ ଏବଂ ସାମାଜିକ କାର୍ଯ୍ୟକ୍ରମ ପୂର୍ବଭଳି ଜାରି ରହିବ ବୋଲି କହିଛନ୍ତି ।

## ବିଭିନ୍ନ ଅଳଙ୍କାର ମାର୍କେଟିଙ୍ଗ ପାଇଁ ଡିଜିଟାଲ୍ ସଶକ୍ତିକରଣ ଉପରେ କର୍ମଶାଳା

ବାରିପଦା,୧୮।୦୨ (ନି.ପ୍ର): ରିଖ । ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧୁଷିତ ଜିଲ୍ଲାରେ ମହିଳାମାନଙ୍କର ଅନ୍ତର୍ନିହିତ ଶକ୍ତିକୁ ସଦୁପଯୋଗ କରିବା ନିମନ୍ତେ ମିଶନ ଶକ୍ତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହାର ଆନୁକୂଲ୍ୟରେ ମାତୃଶକ୍ତି ଅଳଙ୍କାର ନାମକ ଏକ ପ୍ରଡ୍ୟୁସର ଗ୍ରୁପ ଗଠନ କରାଯାଇଛି । ଯହିଁରେ ଛଅଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଳିତ ଭାବେ କାର୍ଯ୍ୟ କରୁଅଛନ୍ତି । ମାତୃଶକ୍ତି ଅଳଙ୍କାରରେ ଜଡିତ ମହିଳାମାନଙ୍କର ବ୍ୟକ୍ତିଗତ ସ୍ତରରେ ଏବଂ ମାତୃଶକ୍ତି ଅଳଙ୍କାରର ସାଂଗଠନିକ ସ୍ତରରେ ଦକ୍ଷତା ବୃଦ୍ଧି




ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ତିନି ଜଣ ଓଏଏସ୍ ପ୍ରବେଶନର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ମିଶନ ଶକ୍ତିଙ୍କ ତତ୍ତ୍ୱାବଧାନରେ ଏକ କର୍ମଶାଳା ଆୟୋଜିତ ହୋଇ ଯାଇଛି । ଯେଉଁଥିରେ କି, ମାର୍କେଟିଂ, ଉତ୍ପାଦ ବିବିଧାକରଣ ଏବଂ ଡିଜିଟାଲ ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏହି କର୍ମଶାଳାରୁ ଅର୍ଜିତ କୌଶଳ ଏବଂ ପ୍ରବେଶନାର ମାନଙ୍କର ପୂର୍ଣ୍ଣ ସହ ଯୋଗରେ ମାତୃଶକ୍ତି ଅଳଙ୍କାରର ସୋସିଆଲ ମିଡିଆ ଆକାଉଂଟ (ଇଷ୍ଟାଗ୍ରାମ) ଗଠନ କରାଯାଇଛି ଏବଂ ଏଥିରେ ଅନଲାଇନ ବିକ୍ରି କରିବାର ବ୍ୟବସ୍ଥା ମଧ କରାଯାଇଛି । ଆଗ୍ରହୀ ବ୍ୟକ୍ତିମାନଙ୍କୁ ଆମନ୍ତ୍ରିତ କରାଯାଉଛି ସେମାନେ ଏହି ହସ୍ତ ନିର୍ମିତ ସୁନ୍ଦର ସିଲ୍‌କା ଥ୍ରେଡ୍ ଅଳଙ୍କାର ସୁଲଭ ମୂଲ୍ୟରେ କିଣି ପାରିବେ । ଏହା ଦ୍ୱାରା ଆମ ଅଂଚଳର ମହିଳାମାନେ ଉପକୃତ ମଧ ହୋଇପାରିବେ ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

# ପ୍ରସ୍ତାବିତ ଜରାନିବାସ ନିର୍ମାଣ ଆରମ୍ଭ ପାଇଁ ଦାବି


ବାଲେଶ୍ୱର,୧୮।୦୨ (ନି.ପ୍ର): ଜିଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଏପ୍ରିଲ ମାସ ୧୬ ତାରିଖରେ ଗାନ୍ଧୀସ୍ମୃତି ଭବନରେ ବାର୍ଷିକ ସମ୍ମଳନୀ ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରତିବର୍ଷଭଳି ଚଳିତବର୍ଷ ମଞ୍ଚର ବାର୍ଷିକ ମୁଖପତ୍ର ଏହି ଅବସରରେ ପ୍ରକାଶିତ ହେବ । ବାଲେଶ୍ୱର ଜିଲ୍ଲାର ବିଧାୟକଗଣ, ମନ୍ତ୍ରୀ, ଜିଲ୍ଲାପାଳ ଓ ରାଜ୍ୟ କମିଟି ନେତୃତ୍ୱଙ୍କୁ ଅତିଥି ଓ ବକ୍ତାଭାବେ ନିମନ୍ତ୍ରଣ କରିବା ଉପରେ ଗୁରୁତ୍ୱ



ଦିଆଯାଇଛି । ବିଶେଷ କରି କରୋନା ମହାମାରୀ ଯୋଗୁଁ ଗତ ୨୦୨୦ରେ ବାର୍ଷିକ ସମ୍ମିଳନୀ ହୋଇ ପାରିନଥିଲା । ଏଥି ସହିତ ଆସନ୍ତା ଏପ୍ରିଲ ମାସ ସୁଦ୍ଧା କରୋନା କଟକଣା ଆହୁରି କୋହଳ ହେବାକୁ ଯାଉଥିବା ବେଳେ ସେତେବେଳେ ବାର୍ଷିକ ସମ୍ମିଳନୀ ପାଇଁ ବିଶେଷ ସମସ୍ୟା ହେବ ନାହିଁ ବୋଲି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଏହି ବୈଠକରେ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଜରା ଓ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବୈଠକରେ ଦାବି କରାଯାଇଛି । ଦାମୋଦର ନାୟକ, ଦେବେନ୍ଦ୍ରନାଥ ଚୌଧୁରୀ, ଦେବବ୍ରତ ପାଣିଗ୍ରାହୀ, ଅକ୍ଷୟ କୁମାର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ନାୟକ, ଅର୍ଚ୍ଚନା ନନ୍ଦୀ, ଲକ୍ଷ୍ମୀନାରାୟଣ ଘୋଷ, ପରମେଶ୍ୱର ପଣ୍ଡା, ସୀତାରାମ ପ୍ରଧାନ ଓ ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯଶୋଦା ନନ୍ଦନ ଆଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଆଧ୍ୟାତ୍ମିକ ଲେଖକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ସମ୍ବର୍ଦ୍ଧିତ

ବାସୁଦେବପୁର,୧୮।୦୨ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ ତଥା ଆଧ୍ୟାତ୍ମିକ ଲେଖକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ପୁରୀ ଜିଲ୍ଲାର କୋଣାର୍କ ଠାରେ ବିଶ୍ୱଶାନ୍ତି ସେବାଶ୍ରମର ୨୮ ତମ ସାମ୍ବତ୍ସରିକ ମହୋତ୍ସବ-୨୦୨୧ ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ରାଜ୍ୟସ୍ତରୀୟ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ଦାଶ, ସଂପାଦକ ମଙ୍ଗରାଜ ବିଶ୍ୱାଳ, କୁମାର କବି ପ୍ରଶାନ୍ତ ବାହିନୀ ପତି ଓ ବ୍ୟଙ୍ଗ ସମ୍ରାଟ ସଂପଦ କୁମାର ରଥ । ସମସ୍ତ ଅତିଥି ଡକ୍ଟର ମହାନ୍ତିଙ୍କୁ ନିଜର କୃତିତ୍ୱ ପାଇଁ ମାନପତ୍ର, ଉପଢୌକନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ପୂର୍ବରୁ ଡକ୍ଟର ମହାନ୍ତି ଓଡିଶାର ବିଭିନ୍ନ ଜିଲ୍ଲାରେ ଥିବା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ଭଦ୍ରକ ଜିଲ୍ଲାର



ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଡକ୍ଟର ମହାନ୍ତି ୧୯୫୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ସରକାରୀ ମହାବିଦ୍ୟାଳୟ ଫୁଲବାଣୀରେ ସେ ଇଂରାଜୀ ଭାଷା ସାହିତ୍ୟ ବିଭାଗରେ ଅଧ୍ୟାପନା କରୁଥିଲେ । ଅଧ୍ୟାପନାରୁ ଅବସରଗ୍ରହଣ କରି ସେ ବେତଡାରେ ଥିବା ବାସଭବନରେ ସାରସ୍ୱତ ସାଧନାରେ ମଗ୍ନଅଛନ୍ତି । ତାଙ୍କର ୨୧ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ଆଧ୍ୟାତ୍ମିକ ଦର୍ଶନ, ସନ୍ଥ ସାଧିକା ପୂର୍ଣ୍ଣମାସୀ ଜାନୀଙ୍କ ଜୀବନୀ ଓ ପଦାବଳୀ, ଓଡିଶାର ଅନ୍ୟଜଣେ ଭୀମଭୋଇ, ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି, ସାଧୁସନ୍ଥଙ୍କ ସ୍ମରଣୀୟ ପଦାବଳୀ, ଧର୍ମ ପ୍ରବର୍ତ୍ତକଙ୍କ ଜୀବନୀ ଓ ଧର୍ମଦର୍ଶନ, ହେତୁବାଦ ଓ ଆଧ୍ୟାତ୍ମବାଦ, ବ୍ରହ୍ମଅବଧୂତ ବାୟାବାବା, ହିମାଳୟ ଆଶ୍ରିତ ସାଧୁସନ୍ଥ ପ୍ରଭୃତି ଅନେକ ଉଚ୍ଚକୋଟିର ପୁସ୍ତକ ଡକ୍ଟର ମହାନ୍ତିଙ୍କୁ ଓଡିଶା ତଥା ଭାରତ ବର୍ଷରେ ଅନେକ ସୁନାମ ଆଣିଦେଇଛନ୍ତି ଓ ପାଠକ ଦରବାରରେ ଉଚ୍ଚ ପ୍ରଶଂସିତ ହୋଇପାରିଛି । ନିକଟରେ ଡକ୍ଟର ମହାନ୍ତି ବିଶ୍ୱଶାନ୍ତି ସେବାଶ୍ରମର ସାମ୍ବତ୍ସରିକ ମହୋତ୍ସବରେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କୁ ବହୁ ସାହିତ୍ୟ ଅନୁଷ୍ଠାନ ଏବଂ କବି ଲେଖକ ଶିକ୍ଷାବିତ୍ ଅଭିନନ୍ଦନ ଜଣାଇଛନ୍ତି ।

## ବିଶ୍ୱରେ ତୃତୀୟ, ଭାରତରେ ମୋଟ ଟିକାକରଣ ୯୪ ଲକ୍ଷକୁ ଟପିଲା

ନୂଆଦିଲ୍ଲୀ,୧୮।୦୨ (ନି.ପ୍ର): ଯୁକ୍ତରାଷ୍ଟ୍ର ଆମେରିକା ଏବଂ ବ୍ରିଟେନ ପରେ ଏପର୍ଯ୍ୟନ୍ତ ବିଶ୍ୱରେ ଭାରତରେ ହିଁ ସବୁଠାରୁ ଅଧିକ କୋଭିଡ ଟିକାକରଣ ହୋଇଛି । ୨୦୨୧ ଫେବ୍ରୁଆରୀ ୧୮ ତାରିଖ ସକାଳ ୮ଟା ସୁଦ୍ଧା ଭାରତରେ ସ୍ୱାସ୍ଥ୍ୟକର୍ମୀ (ଏଚସିଡବ୍ଲୁ) ସମ୍ମୁଖ ଯୋଦ୍ଧା (ଏଫଏଲଡବ୍ଲୁ) ମାନଙ୍କ ଟିକାକରଣ ୯୪ ଲକ୍ଷକୁ ଅତିକ୍ରମ କରିଛି । ଆଜି ସକାଳ ୮ଟା ସୁଦ୍ଧା ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି, ୧,୯୯୩୦୫ ସେସନରେ ୯୪,୨୨,୨୨୮ ଟିକା ପ୍ରଦାନ କରାଯାଇଛି । ଏହା ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ (ଏଚସିଡବ୍ଲୁ)ଙ୍କ ପ୍ରଥମ ଡୋଜ୍ ୬୧,୯୬,୬୪୧, ଦ୍ୱିତୀୟ ଡୋଜ୍ ୩,୬୯,୧୬୭ ଏବଂ ସମ୍ମୁଖ ଯୋଦ୍ଧା (ଏଫଏଲଡବ୍ଲୁ)ଙ୍କ ପ୍ରଥମ ଡୋଜ୍ ୨୮,୫୬,୪୨୦ ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo